## କୋଭିଡ୍ ନିୟମ ଉଲ୍ଲଂଘନ: ରାଶନ ଦୋକାନ ସିଲ୍



ଝାରସୁଗୁଡ଼ା ଅଫିସ୍: ଝାରସୁଗୁଡ଼ା ବଡମାଲ ଥାନା ବୃନ୍ଦାମାଲରେ ଜଣେ ବ୍ୟବସାୟୀ କୋଭିଡ୍ ନିୟମ ଉଲ୍ଲଂଘନ କରି ବୁଧବାର ସନ୍ଧ୍ୟାରେ ରାଶନ ଦୋକାନ ଖୋଲିଥିଲେ। ଖବରପାଇ ତହସିଲଦାର କୁଳମଣି ରଣବିଡା ଓ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଦୋକାନକୁ ସିଲ୍ କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟବସାୟୀ ଜରିମାନା ଦେବା ପରେ ଦୋକାନ ସିଲ୍ ଖୋଲାଯିବ ବୋଲି ଆଇଆଇସି ପଣ୍ଡା କହିଛନ୍ତି।

## ସଂକ୍ଷେପରେ

### ଗାଁରେ ହେବ ଆଣ୍ଟିଜେନ୍ ଟେଷ୍ଟ

ବଡ଼ଗାଁ, ୧୯।୫ (ଡି.ଏନ୍ .ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ କରୋନାର ଦ୍ରୁତ ସଂକ୍ରମଣ ଦେଖାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଆକଳନ ଅନୁଯାୟୀ ସଂକ୍ରମଣ ହାର ୩୦ ପ୍ରତିଶତ କମିଛି। ତେବେ କରୋନାର ଦ୍ୱିତୀୟ ଲହର ଆରମ୍ଭ ପରେ ଦେଢମାସ ହେଲା ବଡ଼ଗାଁରେ ଆଣ୍ଟିଜେନ ଟେଷ୍ଟ କରାଯାଉଥିବାବେଳେ ୪ ଦିନ ହେଲା ଏକମା ଓ ଜରଙ୍ଗଲୋଇରେ ଟେଷ୍ଟିଂ ଆରମ୍ଭ କରାଯାଇଛି। ଏଣିକି ଗାଁଗୁଡ଼ିକୁ ଯାଇ ସ୍ୱାସ୍ଥ୍ୟକର୍ମୀ ଆଣ୍ଟିଜେନ ଟେଷ୍ଟ କରିବେ। ଆସନ୍ତା ୨୦ ତାରିଖ ବେହେରାମାଲ, ୨୧ ତାରିଖ ମଚାମରା, ୨୨ ତାରିଖ ବୁଦୁନା ଓ ୨୪ ତାରିଖ ସାହାଜବାହାଲ ଗ୍ରାମରେ ଆଣ୍ଟିଜେନ୍ ଟେଷ୍ଟ ବ୍ୟବସ୍ଥା କରାଯାଇଛି। ସୂଚନା ଯୋଗ୍ୟ ଆଣ୍ଟିଜେନ୍ ଟେଷ୍ଟ ପାଇଁ ଉପାନ୍ତ ଗ୍ରାମରୁ ଆସୁଥିବା ବିଶେଷକରି ବୟସ୍କ, ମହିଳାମାନେ ଘୋର ହଇରାଣ ହେଉଥିଲେ।

### ବୋଲେରୋ-କାର୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ବୌଦ୍ଧ,୧୯।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲଇଗାଁ ଛକ ନିକଟ ରଙ୍ଗମାଟିଆଠାରେ ବୁଧବାର ଅପରାହ୍ନରେ ଏକ ବୋଲେରୋ ସହ କାରର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧ୍ରୁବଚରଣ ବେହେରା (୫୨)। ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭୁର୍ଷାପାଲିର ଧ୍ରୁବଚରଣ ଓ ନୀଳାମ୍ବର ସ୍ୱାଇଁ ଓଡି ୧୭କ୍ୟୁ ୮୫୧୫ ନଂ କାରରେ ନୟାଗଡ ପଟୁ ବଲାଙ୍ଗୀର ଯାଉଥିବା ବେଳେ ବୌଦ୍ଧ ପଟୁ ଚାରିଛକ ଆଡକୁ ଆସୁଥିବା ଏକ ବୋଲେରୋ (ଓଆର- ୨୩ଇ - ୯୪୦୯) ସହ ରଙ୍ଗମାଟିଆ ଠାରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଧ୍ରୁବଚରଣଙ୍କ ମୃତ୍ୟୁ ଘଟିଥିବା ବେଳେ ନୀଳାମ୍ବର ଗୁରୁତର ଆହତ ହୋଇଥିଲେ। ନୀଳାମ୍ବରଙ୍କୁ ପ୍ରଥମେ ପୁରୁଣାକଟକ ମେଡିକାଲୁ ନିଆଯାଇଥିଲା। ପରେ ତାଙ୍କୁ ବୌଦ୍ଧ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏପଟେ ବୋଲେରୋର ସମସ୍ତ ଯାତ୍ରୀ ଫେରାର ହୋଇଯାଇଛନ୍ତି। ଖବର ପାଇ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି।

### ୨ମହିଳାଙ୍କୁ ମିଳିଲା କୋଭିଡ୍ ଟିକା

**ଧରିତ୍ରୀ ପ୍ରଭାବ**

ବିଜେପୁର,୧୯।୫(ଡି.ଏନ.ଏ): ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ଗ୍ରାମର ସମାରୀ ମେହେର(୭୭) ଏବଂ ବୃନ୍ଦା ମେହେର(୭୧) ଗତ ଏପ୍ରିଲ ମାସ ୨୮ତାରିଖ କୋଭିଡ୍ ଟିକା ପାଇଁ ଅନଲାଇନ ରେଜିଷ୍ଟ୍ରେଶନ କରିଥିଲେ। ମାତ୍ର ସେମାନଙ୍କୁ ଟିକା ଦିଆ ନ ଯାଇ ଗତ ଏପ୍ରିଲ ୨୯ତାରିଖରେ କୋଭିଡ୍ ଟିକା ଦିଆହୋଇଥିବା ନେଇ ସେମାନଙ୍କ ମୋବାଇଲକୁ ଏସଏମଏସ ଆସିଥିଲା। ଏ ନେଇ ବୁଧବାର ଧରିତ୍ରୀରେ ଟିକା ନ ଦେଇ ଟିକାକରଣ ସାର୍ଟିଫିକେଟ୍ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବୁଧବାର ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିଲା। ଟିକା ପାଇବା ପରେ ସେମାନେ ଖୁସି ଅଛନ୍ତି ବୋଲି ବୃନ୍ଦାଙ୍କ ପୁଅ ପୁରନ କହିଛନ୍ତି। ଏହା ସହିତ ସେମାନଙ୍କ ସମସ୍ୟା ନେଇ ଖବର ପ୍ରକାଶ କରିଥିବା ଯୋଗୁ ଧରିତ୍ରୀକୁ ସେ ଧନ୍ୟବାଦ ଦେଇଛନ୍ତି।

### ଯୁବ ଆଇନଜୀବୀଙ୍କ ପରଲୋକ

ବୌଦ୍ଧ,୧୯।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଗ୍ରାମର ଯୁବ ଆଇନଜୀବୀ ବିଶ୍ୱନାଥ ବେହେରା(୪୧)ଙ୍କ ବୁଧବାର ଅପରାହ୍ନରେ ପରଲୋକ ଘଟିଛି। ଦେହ ଭଲ ନ ଲାଗିବାରୁ ଗତ ମଙ୍ଗଳବାର ସେ କୋଭିଡ ଟେଷ୍ଟ କରାଇଥିଲେ। ତାଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। କିନ୍ତୁ ତାଙ୍କ ପାଖରେ କରୋନାର ଲକ୍ଷଣ ଥିବା ଜଣାପଡିଥିଲା। ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବାରୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶେଷକୃତ୍ୟ ଗାଁ ଶ୍ମଶାନରେ କରାଯାଇଛି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଆଇନଜୀବୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଜିଲାରେ ଶିଶୁ ସଂକ୍ରମଣ

# ୪ ଦିନରେ ୧୩୧ ଚିହ୍ନଟ

■ମୋଟ ସଂକ୍ରମଣର ୬ ପ୍ରତିଶତ
■ଭିମ୍ସାରରେ ଜିଲାପାଳଙ୍କ ବୈଠକ

ସମ୍ବଲପୁର,୧୯।୫(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ମୁକାବିଲା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି। ଜୁନ୍ ମାସରେ ସଂକ୍ରମଣ ସାମାନ୍ୟ ହ୍ରାସ ପାଇଯିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏପରି କି ସେପ୍ଟେମ୍ବର ମାସରେ ତୃତୀୟ ଲହର ଆସିବା ସମ୍ଭାବନା ଥିବାବେଳେ ଏଥିରେ ବିଶେଷ କରି ପିଲାମାନେ (୧ରୁ ୧୮ବର୍ଷ) ସଂକ୍ରମିତ ହେବା ଆଶଙ୍କା ରହିଥିବା ସୂଚନା ଦେଉଛନ୍ତି। ଦେଖିବାକୁ ଗଲେ ଦ୍ୱିତୀୟ ଲହରରେ ସମ୍ବଲପୁର ଜିଲାରେ ଏହି ବୟସର ପିଲାମାନେ ସଂକ୍ରମିତ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଗତ ୪ ଦିନରେ ମୋଟ ୧୯୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୧ଜଣ ୧ରୁ ୧୮ ବର୍ଷ ବୟସର ଶିଶୁ ଓ କିଶୋର ରହିଛନ୍ତି। ମୋଟ ସଂକ୍ରମଣକୁ ଦେଖିଲେ ଏମାନଙ୍କ ହାର ୬.୬ ପ୍ରତିଶତ ରହୁଛି। ପ୍ରତିଦିନ ଚିହ୍ନଟ ହେଉଥିଲେ ମଧ୍ୟ ଶିଶୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ। କୋଭିଡ୍ ମେଡିକାଲରେ ସେମାନଙ୍କୁ ଚିକିତ୍ସା କରାଯାଉଛି।



ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍ସାର କୋଭିଡ୍ ହସ୍ପିଟାଲ।

ଏହି ପରିପ୍ରେକ୍ଷୀରେ ଜିଲାପାଳ ଶୁଭମ୍ ସକ୍ସେନା, ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଅଧକ୍ଷ ଡାକ୍ତର ଲାଲ ମୋହନ ନାୟକ, ଶିଶୁ ବିଭାଗ ମୁଖ୍ୟ ଡାକ୍ତର ପ୍ରକାଶ ପଣ୍ଡା ଓ ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ସଂକ୍ରମିତ ଶିଶୁମାନଙ୍କ ଚିକିତ୍ସା ଉପରେ ଆଲୋଚନା ହୋଇଥିଲା। ଏହା ସହ ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ସମୀକ୍ଷା ହୋଇଥିଲା। ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ମେଡିକାଲ କରିବା, କ'ଣ ଆନୁଷଙ୍ଗିକ ବ୍ୟବସ୍ଥା ଓ ଔଷଧ ଆବଶ୍ୟକ ରହିଛି ସେ ନେଇ ସବିଶେଷ ରିପୋର୍ଟ ତିଆରି କରିବାକୁ ଜିଲାପାଳ ସକ୍ସେନା କହିଥିଲେ। ଏ ସମ୍ପର୍କରେ ପ୍ରଫେସର ମେହେର କହିଛନ୍ତି, ତୃତୀୟ ଲହର ମୁକାବିଲା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ସଂକ୍ରମିତ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ତୃତୀୟ ଲହର ଆସିବା ସମ୍ଭାବନା ଥିବାରୁ ସେ ନେଇ ପ୍ରସ୍ତୁତି କରାଯିବ। ସେହିପରି ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି, ଶିଶୁମାନଙ୍କ ଚିକିତ୍ସା ପ୍ରଣାଳୀ ଭିନ୍ନ। ତାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବଡମାନଙ୍କଠାରୁ ଭିନ୍ନ ରହିଥାଏ। ଔଷଧ ମଧ୍ୟ ଅଲଗା ଦିଆଯିବ। ତେଣୁ ଅନ୍ୟ କୋଭିଡ୍ ମେଡିକାଲରେ ଚିକିତ୍ସା କରାଯିବା କଥା।

## ସମଲେଇ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ



ସମ୍ବଲପୁରର ମା' ସମଲେଇ ମନ୍ଦିର।

ସମ୍ବଲପୁର,୧୯।୫(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ନେଇ ମେ ୧୯ ତାରିଖଠାରୁ ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟ ଲକ୍ଡାଉନ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସମଲେଇ ମନ୍ଦିରରେ ସାଧାରଣ ଦର୍ଶନ ଉପରେ ରୋକ ଲଗାଯାଇଛି। ମେ ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲଗାଯାଇଥିବା ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ରାଜ୍ୟ ସରକାର ଲକ୍ଡାଉନ ଘୋଷଣା କରିବା ପରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବୈଠକ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ କେବଳ ମନ୍ଦିର ପୂଜକମାନେ ରୀତିନୀତି ଅନୁସାରେ ପୂଜା କରିବେ। ସେମାନେ ମଧ୍ୟ କଟକଣା ପାଳନ କରିବେ। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ କୋହଳ କରାଯିବ ବୋଲି କହିଛନ୍ତି।

**କେବଳ ନୀତିକାନ୍ତିରେ ହେବ ପୂଜା**

# ସମ୍ଭାବ୍ୟ ବନ୍ୟା ନେଇ ପ୍ରସ୍ତୁତି ବୈଠକ

■ଜୁନ୍ ପହିଲାରୁ ପ୍ରତି ବ୍ଲକରେ ଖୋଲିବ କଣ୍ଟ୍ରୋଲ ରୁମ୍
■ଶୁଖିଲା ଖାଦ୍ୟ, ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନାଙ୍କ ଅଧକ୍ଷତାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ବୁଧବାର ଭର୍ଚୁଆଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପିଡି ଡିଆର୍ଡିଏ ସୁକାନ୍ତ ତ୍ରିପାଠୀଙ୍କ ସମେତ ଉପଜିଲାପାଳ, ବିଡିଓ, ତହସିଲଦାର ତଥା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ଜୁନ୍ ପହିଲାରୁ ଟୋଲ୍ ଫ୍ରି ନମ୍ବର ୧୦୭୭ ଓ ୦୬୩୨୪୧୨୪୦୭ କାର୍ଯ୍ୟକାରୀ କରାଯିବ। ପ୍ରତି ବ୍ଲକ ସହିତ ବିଭିନ୍ନ ବିଭାଗର ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଯୋଗାଣ ବିଭାଗକୁ ଆବଶ୍ୟକ ଶୁଖିଲା ଖାଦ୍ୟ, ସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ଔଷଧ, ସାଲାଇନ, ଓଆର୍ଏସ୍ ମହଜୁଦ ରଖିବାକୁ ଜିଲାପାଳ ସକସେନା କହିଥିଲେ। ଏହାସହ ପୂର୍ତ୍ତ ବିଭାଗ, ଆର୍ଡି ବିଭାଗକୁ ଆବଶ୍ୟକସ୍ଥଳେ ରାସ୍ତା ମରାମତି କରିବାକୁ ପ୍ରସ୍ତୁତ ରହିବାକୁ କହିଥିଲେ। ସେହିପରି ଅଗ୍ନିଶମ ବିଭାଗକୁ କର୍ମଚାରୀ ସହ ସରଞ୍ଜାମ, ପ୍ରାଣୀଧନ ବିଭାଗ ଔଷଧ ଓ ଖାଦ୍ୟ ମହଜୁଦ ରଖିବାକୁ କୁହାଯାଇଥିଲା। ସହରରେ ଥିବା ଡ୍ରେନ୍‌ଗୁଡିକ ସଫା କରିବା, ଧୋବିଯୋର ନାଳ କାମ ଶୀଘ୍ର ସାରିବା, ବାଲିବନ୍ଧା ଓ ବିନାଖଣ୍ଡିଠାରେ ଥିବା ବନ୍ୟା ଆଶ୍ରୟସ୍ଥଳରେ ସମସ୍ତ ସୁବିଧା ଉପଲବ୍ଧ ରଖିବାକୁ କହିଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୧୯।୫

ଝାରସୁଗୁଡ଼ା ଜିଲା ବେଲପାହାଡ ଥାନା ଉଲାପ ଗ୍ରାମ ନିକଟ ଏକ ପଥର ଖାଦାନରୁ ପୋଲିସ ବୁଧବାର ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ଉଲାପ ଗ୍ରାମର ଜଗୁ ଲୁହାର(୬୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ କେସ୍ ନଂ.୮/୨୧ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି। ସୂଚନାଯୋଗ୍ୟ ଗତ ରବିବାର ଜଗୁ ଜଙ୍ଗଲକୁ ଯାଇଥିଲେ। ହେଲେ ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ଘରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏପରିସ୍ଥଳେ ଗାଁ ଲୋକେ ଜଙ୍ଗଲକୁ ଯାଇଥିବାବେଳେ ଏକ ପରିତ୍ୟକ୍ତ ପଥର ଖାଦାନରେ ମୃତଦେହ ପଡିଥିବା ଦେଖି ଗ୍ରାମରେ କହିଥିଲେ। ପରିବାର ଲୋକେ ଯାଇ ମୃତଦେହ ଚିହ୍ନଟ କଲାପରେ ପୋଲିସକୁ ଜଣାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ଝାରସୁଗୁଡ଼ା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ





ତହସିଲଦାର ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୯।୫

ଝାରସୁଗୁଡ଼ା ତହସିଲ ତରଫରୁ ବୁଧବାର ରାଜସ୍ୱ ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ରାଜସ୍ୱ ରଥ ପରିକ୍ରମା କରି ୫ଜଣଙ୍କୁ ୪ଡେସିମିଲ ଓ କେଛୋବାହାଲ ଗ୍ରାମରେ ୮ଜଣଙ୍କୁ ୪ଡେସିମିଲ ଲେଖାଏ ଘରଡିହ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଅବସରରେ ତହସିଲଦାର କୁଳମଣି ରଣବିଡାଙ୍କ ନିକଟରେ ଲୋକେ ରାଜସ୍ୱ ସମ୍ପର୍କିତ କେତେକ ଅଭିଯୋଗ କରିଥିଲେ। ତହସିଲଦାର ଅଭିଯୋଗ ସମ୍ପର୍କରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ରଣବିଡା, ଅତିରିକ୍ତ ତହସିଲଦାର ଯୋଗିତା ତିର୍କୀ, ସୁପରଭାଇଜର ସୁମନ ମାର୍କେ, ଆର୍ଆଇ ବୀରେନ୍ଦ୍ର ରୋହିଦାସ, ଏଆର୍ଆଇ ନିବେଦିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ



ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ଜିଲା ଠେଲକୋଲି ଥାନା ବାମଲୋଇ ଗ୍ରାମରେ ଜମିବାଡି ବିବାଦରୁ ଗୋଟିଏ ପରିବାରର ସଦସ୍ୟ ବୀରେନ୍ଦ୍ର କୁଅଁରଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ.୭୪/୨୧ରେ ମାମଲା ରୁଜୁ କରି ଦ୍ରୁପଦ ମେହେର, ଅକୁଳ ମେହେର, ଅମୃତ ମେହେର, ଘନଶ୍ୟାମ ମେହେର, ମନୋଜ ମେହେର, କୈଳାସ ମେହେର, ମନଭାଙ୍ଗି ମେହେର, ରୀତା ମେହେର, ଭବାନୀ ମେହେର ଓ ଗୌରୀ ମେହେରଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତ ପରିବାର ଓ ବୀରେନ୍ଦ୍ରଙ୍କ ପରିବାର ମଧ୍ୟର ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା। ବୀରେନ୍ଦ୍ର ଅଭିଯୁକ୍ତଙ୍କ ପୂର୍ବପୁରୁଷ ଦେଇଥିବା ଜମିରେ ଘର କରି ରହୁଥିବା ଦାବି କରୁଥିଲେ। କିନ୍ତୁ ସେମାନେ ଜମିର ପଟ୍ଟା ଦେଖାଅ ନ ହେଲେ ଘର ଖାଲି କରିବାକୁ କହିଥିଲେ। ଏହାକୁ ନେଇ ମଙ୍ଗଳବାର ପୁଣି ବଚସା ହୋଇଥିଲା। ଅଭିଯୁକ୍ତ ପରିବାରବର୍ଗ ବୀରେନ୍ଦ୍ରଙ୍କ ଘର ସମ୍ମୁଖକୁ ଯାଇ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ଇଟା, ବାଡି, ଲାଠିରେ ବୀରେନ୍ଦ୍ରଙ୍କୁ ସଂଘବଦ୍ଧ ଭାବେ ଗାଁ ଦାଣ୍ଡରେ ଆକ୍ରମଣ କରିଥିଲେ। ଗୁରୁତର ହେବାରୁ ଛାଡି ଫେରାର ହୋଇଯାଇଥିଲେ। ବୀରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଥାନା ଅଧିକାରୀ ଜୟ ରଶ୍ମି ସେଠୀ କହିଛନ୍ତି।

## ମାଣ୍ଡେଲଠାରେ ରବିଧାନ ମଣ୍ଡି ଉଦ୍‌ଘାଟିତ

ନର୍ଲା, ୧୯।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ପ୍ୟାକ୍ସ ପକ୍ଷରୁ ମାଣ୍ଡେଲ ଗ୍ରାମଠାରେ ରବିଧାନ ସଂଗ୍ରହ ପାଇଁ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନର୍ଲା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଏବଂ ରାଜସ୍ୱ ନିରୀକ୍ଷକ ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଥିଲେ। ଆରଏମ୍‌ସି ଅଧିକାରୀ, ଭିଏଲଡବ୍ଲୁଙ୍କ ସମେତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

## କୋଭିଡ୍ ମୁକାବିଲା ପାଇଁ ହିଣ୍ଡାଲ୍‌କୋର ସହାୟତା





ହିଣ୍ଡାଲ୍‌କୋ ପକ୍ଷରୁ ସାମଗ୍ରୀ ପ୍ରଦାନ କରାଯାଉଛି।

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ କୋଭିଡ୍ ମୁକାବିଲା ପାଇଁ ଜିଲା ପ୍ରଶାସନକୁ ସହାୟତା ଯୋଗାଇ ଦିଆଯାଇଛି। ଜିଲା ସଦର ଡାକ୍ତରଖାନା ଓ ଭିମ୍ସାରରେ ଆବଶ୍ୟକ ପଡୁଥିବା ଜମ୍ବୋ ଅକ୍ସିଜେନ ୫୦ ଗୋଟି, କନ୍‌ଟେନେର ୨୦ ଗୋଟି, ଆଇସିୟୁ ବେଡ୍ ୫, ୨ ହଜାର ଆଣ୍ଟିଜେନ କିଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ କମ୍ପାନୀ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଘରକୁ ଘର ବୁଲି ସ୍ୱାବ୍ ସଂଗ୍ରହ ପାଇଁ ଭାଜପାର ଦାବି



ଭାଜପା ମଣ୍ଡଳ ସଭାପତି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୯।୫

ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ସହର ଅପେକ୍ଷା ଗ୍ରାମରେ ଅଧିକ ମାତ୍ରାରେ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ଗାଁଗହଳିର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଲଇକେରା ବ୍ଲକ୍‌ର ବିଭିନ୍ନ ଗାଁରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଘରକୁ ଘର ବୁଲି ସ୍ୱାବ୍ ସଂଗ୍ରହ ସହିତ ପରୀକ୍ଷା କରିବା, ପ୍ରତି ପଞ୍ଚାୟତରେ ସଂକ୍ରମିତଙ୍କୁ ରଖିବା ପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲିବାକୁ ଲଇକେରା ମଣ୍ଡଳ ଭାଜପା ତରଫରୁ ଦାବି ହୋଇଛି। ଏ ନେଇ ବିଡିଓ ଶଙ୍କର କେର୍କେଟାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ମଣ୍ଡଳ ସଭାପତି ପଙ୍କଜ ବେହେରା, ସମ୍ପାଦକ କାର୍ତ୍ତିକ ବେହେରା,ଏମ୍‌ପିଙ୍କ ପ୍ରତିନିଧି ବାଞ୍ଛାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ୟା ପିତାଙ୍କୁ ଏକଲକ୍ଷ ଟଙ୍କା ଜରିମାନା

**କୋଭିଡ୍ ନିୟମ ଉଲ୍ଲଂଘନ**
■ବିବାହ ଭୋଜି ବନ୍ଦକଲା ପୋଲିସ

ଦେବଗଡ଼, ୧୯।୫(ଡି.ଏନ୍.ଏ)

ଦେବଗଡ଼ ପୌରାଞ୍ଚଳର ପୁରୁଣାଗଡରେ ବୁଧବାର କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇ ଏକ ବିବାହ ଭୋଜି ଆୟୋଜିତ ହେଉଥିବା ବେଳେ ପୋଲିସ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ଭୋଜି ବନ୍ଦ କରାଯିବା ସହ ଆୟୋଜନକାରୀ କନ୍ୟାର ବାପାଙ୍କୁ ଏକ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୁଣାଗଡ଼ର ସୂର୍ଯ୍ୟକୁମାର ସାହୁଙ୍କ ଝିଅ ବିବାହ ଉତ୍ସବ ଆୟୋଜିତ ହେଉଥିଲା। ବିବାହ ଉତ୍ସବରେ ଭୋଜି ନିମନ୍ତେ ସୂର୍ଯ୍ୟ ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପୋଲିସ ନିକଟରୁ ଅନୁମତି ଆଣିଥିଲେ। ୫୦ ଜଣଙ୍କର ଭୋଜି ବ୍ୟବସ୍ଥା କରାଯିବା ପାଇଁ ଅନୁମତି ପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଏହାର ଉଲ୍ଲଂଘନ କରାଯାଇ ପ୍ରାୟ ୨୫୦ ଜଣଙ୍କ ପାଇଁ ଭୋଜିରନ୍ଧା ଯାଇଥିବା କୌଣସି ସୂତ୍ରରୁ ପୋଲିସ ସୂଚନା ପାଇଥିଲା। ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଓ ସବ୍‌ଇନ୍ସପେକ୍ଟର ପ୍ରତାପ ଦଳେଇ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପୋଲିସର ନିର୍ଦ୍ଦେଶ ଅନୁଯାୟୀ ଗୃହକର୍ତ୍ତାଙ୍କ ଘର ସମ୍ମୁଖରେ ଭୋଜିରେ ୫୦ ଜଣ ଅଂଶଗ୍ରହଣକାରୀଙ୍କ ତାଲିକା ଝୁଲାଯାଇ ନ ଥିବା, ସାମାଜିକ ଦୂରତା ରକ୍ଷା କରାଯାଇ ନ ଥିବା ଓ ପାର୍ଶଲ ବଦଳରେ ଲୋକଙ୍କୁ ଘରେ ବସାଇ ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ପୋଲିସ ରନ୍ଧା ଖାଦ୍ୟଗୁଡିକୁ ଜବତକରି ଭୋଜି ବନ୍ଦ କରିବା ସହ କୋଭିଡ୍ ଆଇନ ଉଲ୍ଲଂଘନ ଅଭିଯୋଗରେ ସୂର୍ଯ୍ୟଙ୍କୁ ଏକ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।



ବିବାହ ଭୋଜିରେ ପୋଲିସ ଚଢ଼ାଉ କରିଛି।

**କୋଭିଡ୍ ନିୟମ ଉଲ୍ଲଂଘନ: ୨ ଦୋକାନ ସିଲ୍, ଜରିମାନା ଆଦାୟ**

**ନୂଆପଡ଼ା ଅଫିସ:** ଜିଲା ପ୍ରଶାସନ ପକ୍ଷରୁ ଡାକବାଜିଯନ୍ତ୍ର ମାଧ୍ୟମରେ କୋଭିଡ୍ ନିୟମ ସମ୍ପର୍କରେ ସଚେତନ ଏବଂ ନିୟମ କଡାକଡି କରୁଥିଲେ ମଧ୍ୟ ଲୋକେ ଭ୍ରୂକ୍ଷେପ କରୁ ନ ଥିବା ନଜରକୁ ଆସୁଛି। ବୁଧବାର ନୂଆପଡା ଜିଲା ଖରିଆର ରୋଡ ସହରରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନବଜାର ଖୋଲା ଯାଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ୨ଟି ଦୋକାନକୁ ସିଲ କରି ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜୋଙ୍କ ଥାନା ଆଇଆଇସି ଅନିରୁଧ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଖରିଆର ରୋଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ଓ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।

# ଗାଁକୁ ବ୍ୟାପିଲାଣି ସଂକ୍ରମଣ

**ସୋନପୁର,୧୯।୫(ନି.ପ୍ର.)**

କରୋନା ମହାମାରୀର ଦ୍ୱିତୀୟ ଲହର ସୁବର୍ଣ୍ଣପୁର ଜିଲାକୁ କବଳିତ କରିଲାଣି। ସଂକ୍ରମଣ ସହରାଞ୍ଚଳରେ ସୀମିତ ନ ରହି ଗାଁ ଗଣ୍ଡାକୁ ବ୍ୟାପିବାରେ ଲାଗିଛି। ସଂକ୍ରମିତଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି। ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେଉଛି। ସଂକ୍ରମଣ ରୋକିବାକୁ ସରକାର ସପ୍ତାହାନ୍ତ ଶଟ୍‌ଡାଉନ, ଲକ୍‌ଡାଉନ ଓ ବିଭିନ୍ନ କଟକଣା ଲଗାଇଛନ୍ତି। ମାତ୍ର ଜିଲାରେ ସଂକ୍ରମଣ କମିବା ବଦଳରେ ବଢୁଛି। ଅନ୍ୟ ରାଜ୍ୟଗୁଡିକରେ ତାଲାବନ୍ଦ କଟକଣା ଯୋଗୁ ପ୍ରବାସୀମାନେ ଓଡିଶା ମୁହାଁ ହୋଇଛନ୍ତି। ଗତଥର କରୋନା ସଂକ୍ରମଣର ପ୍ରଥମ ଲହର ସମୟରେ ହଜାର ହଜାର ପ୍ରବାସୀଙ୍କ ଆଗମନ କାରଣରୁ ସଂକ୍ରମଣ ବ୍ୟାପିଥିଲା।

**ତ୍ୱରିତ ପଦକ୍ଷେପ ହୋଇପଡିଛି ଜରୁରୀ**



ହେଲେ ସେତେବେଳେ ସେମାନଙ୍କ କରୋନା ଟେଷ୍ଟ କରାଯାଉଥିଲା । ମାତ୍ର ଏବେ ପ୍ରବାସୀଙ୍କର ନା ପରୀକ୍ଷା ହେଉଛି ନା ସେମାନଙ୍କ ପାଇଁ ପଞ୍ଚାୟତ ସ୍ତରରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ସଂକ୍ରମିତ ପ୍ରବାସୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ବାହାରେ ବୁଲୁଥିବା ଅଭିଯୋଗ ହେଉଛି ।

ଗତ କିଛି ଦିନ ହେଲା ଜିଲାରୁ ଦୈନିକ ୨ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଗତ ୪୦ ଦିନ ଭିତରେ ମୋଟ ୧୨ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ୍ ଆସିଲାଣି । ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ବୁଧବାର ଜିଲାରେ ୧୬୭୯ ଜଣଙ୍କ ଦେହରେ କରୋନା ଭୂତାଣୁ ସକ୍ରିୟ ଅଛନ୍ତି । ଯଦି ବର୍ତ୍ତମାନ ଠାରୁ ଜିଲା ପ୍ରଶାସନ ବିହିତ ପଦପେକ୍ଷ ଗ୍ରହଣ ନ କରନ୍ତି ତେବେ ଆଗକୁ ସ୍ଥିତି ସାଂଘାତିକ ହେବା ଆଶଙ୍କା କରାଯାଉଛି। ଗତବର୍ଷ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଙ୍ଗରୋଧର ବ୍ୟାପକ ବ୍ୟବସ୍ଥା ହୋଇଥିଲା । ଜିଲାରେ ୨୭୦ଟି ଟିଏମ୍‌ସି (ଟେମ୍ପୋରାରି ମେଡିକାଲ ସେଣ୍ଟର), ୧୦୯ଟି ପଞ୍ଚାୟତରେ ସିସିଏଚ୍(କୋଭିଡ କେୟାର ହୋମ୍) ଓ ୧୧ଟି ସିସିସି(କୋଭିଡ୍ କେୟାର ସେଣ୍ଟର) ଖୋଲା ଯାଇଥିଲା। ଏଥିପାଇଁ ବ୍ୟବହୃତ ବହୁ ସାମଗ୍ରୀ କିଣା ଯାଇଥିଲା। ଗତବର୍ଷ ଅପେକ୍ଷା ଏବର୍ଷ ପାଞ୍ଚ ଗୁଣା ଦୈନିକ ସଂକ୍ରମଣ ବଢୁଥିଲେ ହେଁ ସେହି ବ୍ୟବସ୍ଥା ସରକାର ଏପର୍ଯ୍ୟନ୍ତ ଲାଗୁ କରି ନାହାନ୍ତି। ଚଳିତ ଥର ରେଡ ଜୋନ୍‌ରୁ ଆସିଥିବା କେବଳ ୧୭ ଜଣ ପ୍ରବାସୀଙ୍କୁ କ୍ଲଷ୍ଟର ଟିଏମ୍‌ସିରେ ସଙ୍ଗରୋଧରେ ରଖାଯାଇଛି। କୋଭିଡ୍ କଟକଣାକୁ ଗ୍ରାମାଞ୍ଚଳରେ ଅଧିକାଂଶ ମାନୁନାହାନ୍ତି। ତେଣୁ ଗାଁ ଗଣ୍ଡାରେ ଏବେ ସଂକ୍ରମଣ ଦ୍ରୁତଗତିରେ ମାଡି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ନମୁନା ପରୀକ୍ଷା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ସହ ଭ୍ରାମ୍ୟମାଣ ନମୁନା ପରୀକ୍ଷାର ଆଶ୍ୟକତା ରହିଛି। ସରକାର ଯଦି ଏବେ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହେବ। ସୁବର୍ଣ୍ଣପୁର ସହରର ଗୋକର୍ଣ୍ଣେଶ୍ୱରପଡା ଓ ଘୋଡାଘାଟପଡାରେ ସଂକ୍ରମଣ ବୃଦ୍ଧି ପାଇଛି। ଗୋକର୍ଣ୍ଣେଶ୍ୱରପଡାରେ ୪୨ ଜଣ ଓ ଘୋଡାଘାଟପଡାରେ ୪୦ ଜଣଙ୍କ ଶରୀରରେ ଭୂତାଣୁ ଏବେ ବି ସକ୍ରିୟ ଅଛନ୍ତି। ଗତ ୧୫ ଦିନ ଭିତରେ ସହରରେ ୪୫ଟି ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରା ଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ଜିଲାକୁ ଫେରିଲେ ୧୧୩ ପ୍ରବାସୀ ଶ୍ରମିକ

**ନୂଆପଡ଼ା ଅଫିସ,୧୯।୫:** ନୂଆପଡ଼ା ଜିଲାରେ କାମ ଧନ୍ଦା ମିଳୁ ନ ଥିବାରୁ ହଜାର ହଜାର ଗରିବ, ଖଟିଖିଆ, ଦିନ ମଜୁରିଆ ଭିଟାମାଟି ଛାଡି ବାହାର ରାଜ୍ୟକୁ କାମ ଅନେଷ୍ୱଣରେ ଯାଇ ଏବେ ଘର ବାହୁଡା ହେଉଛନ୍ତି। ମଙ୍ଗଳବାର ୧୧୩ଜଣ ଦାଦନ ଶ୍ରମିକ ଜିଲ୍ଲାକୁ ଫେରିଛନ୍ତି। ଖରିଆରରୋଡ ରେଳେଷ୍ଟଶନରୁ ୬୩ଜଣ ଶ୍ରମିକ ଉତ୍ତରପ୍ରଦେଶରୁ ଆସିଥିବା ବେଳେ ଷ୍ଟଶନରେ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିବାରୁ ସମସ୍ତଙ୍କୁ ଗୃହ ସଙ୍ଗରୋଧକୁ ପଠାଇ ଦିଆଯାଇଛି। ସେହିପରି ସିନାପାଲିକୁ ୪୮ଜଣ ପ୍ରବାସୀ ଶ୍ରମିକ ତେଲେଙ୍ଗାନାରୁ ପ୍ରତ୍ୟାବର୍ତନ କରିଛନ୍ତି। ସିନାପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ବେଳେ ସମସ୍ତଙ୍କ ଆଣ୍ଟିଜେନ ଟେଷ୍ଟ କରିବାରୁ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିବାରୁ ହୋମ ଆଇସୋଲେଶନ ପାଇଁ ପଠାଇ ଦିଆଯାଇଛି। ଖଡିଆଳ ସହରକୁ ୨ଜଣ ମୁମ୍ବାଇ ପ୍ରବାସୀ ଶ୍ରମିକ ଫେରିଛନ୍ତି। ସେହି ଦୁଇ ଜଣ ଅମଲାପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛନ୍ତି। ତାଙ୍କର କୋଭିଡ୍ ପରୀକ୍ଷା ହୋଇ ନାହିଁ ।

### ଚାଷୀନେତା ସୁଧୀର ପରିଚ୍ଛାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ

**ବଲାଙ୍ଗୀର ଅଫିସ, ୧୯।୫:** ଓଡିଶାର ବିଶିଷ୍ଟ ଚାଷୀନେତା ତଥା ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛାଙ୍କ ମରଶରୀର ବୁଧବାର ଅପରାହ୍ଣ ୫ଟାରେ ହାଇଦ୍ରାବାଦରୁ ବଲାଙ୍ଗୀର ସହରରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ଓ ଚାଷୀ ପ୍ରତିନିଧି ପ୍ରିୟନେତା ପରିଚ୍ଛାଙ୍କୁ ଅନ୍ତିମ ବିଦାୟ ଜଣାଇଥିଲେ। ତାଙ୍କ ବ୍ରାହ୍ମଣପଡା ପୁରୁଣାଘରକୁ ମରଶରୀର ନିଆଯାଇଥିଲା। ବ୍ରହ୍ମଣପଡାବାସୀଙ୍କ ସହ ସହରବାସୀ ସ୍ୱର୍ଗତ ପରିଚ୍ଛାଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଭୂତିପଡା ଶ୍ମଶାନରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା । ପୁତ୍ର ଅଂଶୁମାନ ମୁଖାଗ୍ନି ଦେଇଥିଲେ। ଭାଇ ମୁନା ପରିଚ୍ଛା, ସୌମେନ୍ଦ୍ର ପରିଚ୍ଛାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ର, ଚାଷୀନେତା ଅରୁଣ ମିଶ୍ର, ଯତି ପଧାନ, ବଲାଙ୍ଗୀର ବ୍ଲକ୍ ଅଧକ୍ଷ ଗୋଲାପ ବାଗ, ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଲୋଟସ ଷଡଙ୍ଗୀ, ପ୍ରଶାନ୍ତ ମହାକୁର ଓ ଅନ୍ୟମାନେ ପରିଚ୍ଛାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଧାୟକ ସନ୍ତୋଷ ସିଂ ସାଲୁଜା, ଡ ମୁକେଶ ମହାଲିଙ୍ଗ, ପୂର୍ବତନ ଏମପି ଶରତ ପଟ୍ଟନାୟକ, ରାଧାକାନ୍ତ ପଣ୍ଡା, ବିଜେଡି ନେତା ଡା. ବାସୁଦେବ ପତି, ଭଗବାନ ବଗର୍ତ୍ତୀ, ପ୍ରଦୀପ ସାହୁ, ଘରୋଇ ବସମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା, ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ବାଳକୃଷ୍ଣ ଷଡଙ୍ଗୀ, କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ ମିଶ୍ର, ମନୋରଞ୍ଜନ ସାହୁ, ଶରତ ହୋତା, ଜିଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ଭକ୍ତବନ୍ଧୁ ନାଏକ ଗଭୀର ଶୋକ ପ୍ରକଶ କରିଛନ୍ତି ।

# ଭିମ୍‌ସାର କୋଭିଡ୍ ମେଡିକାଲ: ଇଞ୍ଜେକ୍‌ଶନ ଦେବା ପ୍ରକ୍ରିୟାରେ ତ୍ରୁଟି ଅଭିଯୋଗ

**ସମ୍ବଲପୁର,୧୯।୫(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ କୋଭିଡ୍ ମେଡିକାଲରେ ଇଞ୍ଜେକ୍‌ସନ ଦେବା ପ୍ରକ୍ରିୟାରେ ତ୍ରୁଟି ନେଇ ଜଣେ ମହିଳା କୋଭିଡ୍ ରୋଗୀ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧମରେ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଅଭିଯୋଗ କ୍ରମେ ତାଙ୍କୁ ଏକ ସମୟରେ ରେମଡେସିଭର ଇଞ୍ଜେକ୍‌ସନ ଦେବା ପରିବର୍ତ୍ତେ ସକାଳେ ଥରେ ଦିଆଯାଇଥିଲା। ପରେ ରାତିରେ ପୁଣି ସମାନ ଇଞ୍ଜେକସନ ଦେବାକୁ ଜଣେ ନର୍ସ ଆସିଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ପଚାରିବା ସହ ଭୟରେ ଆଉ ଇଞ୍ଜେକସନ ନେବେନାହିଁ ବୋଲି କହିଥିଲେ। ପୁଣି ସକାଳେ ଦିଆଯାଇଥିବା ଇଞ୍ଜେକସନ କମ ସମୟ ଭିତରେ ଦିଆଯାଇଥିବା ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଗୋଟିଏ ଥରରେ ରେମଡେସିଭର ଇଞ୍ଜେକସନ ଦିଆଯାଇଥାଏ। ଏହା ଦେବା ସମୟରେ ଯତ୍ନର ସହ ଧୀରେ ଧୀରେ ଦିଆଯାଏ। ଯେଉଁ ଅଭିଯୋଗ ହେଉଛି ତାହାକୁ ନେଇ ସେ ତଦନ୍ତ କରୁଥିବା କହିଥିଲେ।

# ଔଷଧ ବ୍ୟବସାୟୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି



ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଦେବଗଡ଼,୧୯।୫(ଡି.ଏନ.ଏ)**

ଔଷଧ ବ୍ୟବସାୟୀମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦାବିରେ ବୁଧବାର ଦେବଗଡ ଜିଲା ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦେବଗଡ ଜିଲା ଔଷଧ ବ୍ୟବସାୟୀ ସଂଘର ସଭାପତି ମୋତିଲାଲ ଶର୍ମା, ସମ୍ପାଦକ ସରୋଜ କୁମାର ପାଢୀ, କୋଷାଧକ୍ଷ ସୁନୀଲ କୁମାର ଦାଶ, ସଦସ୍ୟ ପ୍ରାଣରଞ୍ଜନ ସାହୁ ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ପରେ ବିଧାୟକଙ୍କୁ ସାକ୍ଷାତ କରିପତ୍ର ପ୍ରଦାନ କରିଥିଲେ । ସେହିପରି ଏହି ଦାବି ପୂରଣ ନ ହେଲେ ଔଷଧ ଦୋକାନଗୁଡ଼ିକୁ ସାମୂହିକ ଭାବେ ବନ୍ଦ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଚେତାବନୀ ଦେଇଥିବା ଜଣାପଡିଛି ।

**ସାମୂହିକ ଭାବେ ଔଷଧ ଦୋକାନ ବନ୍ଦ କରିବାକୁ ଚେତାବନୀ**

# କରୋନା ରୋକିବା ପାଇଁ ପ୍ରଶାସନ -ଡିସିବିଏଲ୍ ଆଲୋଚନା



କରୋନା ରୋକିବା ପାଇଁ ପ୍ରଶାସନ ଓ ଡିସିବିଏଲ ମଧ୍ୟରେ ଆଲୋଚନା ଚାଲିଛି।

**ରାଜଗାଙ୍ଗପୁର,୧୯।୫(ଡି.ଏନ.ଏ.)**

ରାଜଗାଙ୍ଗପୁର ସହର, ଡାଲମିଆଁ ସିମେଣ୍ଟ ଭାରତ ଲିମିଟେଡର କାରଖାନା ତଥା କମ୍ପାନୀ କଲୋନୀରେ କରୋନା ସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟ ରଖି ଏହାକୁ ରୋକିବା ଓ କୋଭିଡ୍ ଚେନ୍ ଭାଙ୍ଗିବା ପାଇଁ ସ୍ଥାନୀୟ ରାଜସ୍ୱ ପ୍ରଶାସନର ଅତିରିକ୍ତ ତହସିଲଦାର ଓ ମାଜିଷ୍ଟ୍ରେଟ ମନୋରଞ୍ଜନ ନାୟକ ଓ କମ୍ପାନୀର ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ମୁଖ୍ୟତଃ କୋଭିଡ୍ ନିୟମକୁ କଡାକଡି ପାଳନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରତ୍ୟେକ କର୍ମଚାରୀ କୋଭିଡ୍ ନେଗେଟିଭ ରିପୋର୍ଟ ଦାଖଲ କରିବା ସହ ସମସ୍ତଙ୍କର ଟିକାକରଣ କରାଇବା, ବାହାର ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଇତ୍ୟାଦି ରାଜ୍ୟମାନଙ୍କୁ କମ୍ପାନୀରୁ ପରିବହନ ହେଉଥିବା ଓ ଉକ୍ତ ରାଜ୍ୟଗୁଡ଼ିକରୁ କମ୍ପାନୀକୁ ପରିବହନ ହୋଇ ଆସୁଥିବା ଗାଡ଼ି ଗୁଡ଼ିକର ଡ୍ରାଇଭର୍ ଓ ହେଲପର ମାନଙ୍କର କୋଭିଡ୍ ନେଗେଟିଭ ରିପୋର୍ଟ ଥିବା ସହ କୋଭିଡ୍ ଟିକାର ପ୍ରମାଣ ମଧ ରହିବା ଆବଶ୍ୟକ। ଯେଉଁ କର୍ମଚାରୀମାନେ ଛୁଟିରେ ଯାଇଛନ୍ତି, ସେମାନେ ଯୋଗଦେଲାବେଳେ ଆର୍‌ଟିପିସିଆର ରିପୋର୍ଟ ଦାଖଲ କରିବେ। କୋଭିଡ୍ ସଚେତନତା ପାଇଁ ଡାକବାଜି ଦ୍ୱାରା କମ୍ପାନୀ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। କାରଖାନାର କଲୋନୀରେ ବିଭିନ୍ନ କଣ୍ଟେନମେଣ୍ଟ ଜୋନର ବର୍ଜ୍ୟବସ୍ତୁର ସୁପରିଚାଳନା ସହ ଉକ୍ତ ବ୍ୟକ୍ତିବିଶେଷଙ୍କର ଚିକିତ୍ସା ତଥା ଭୋଜନ ଉପରେ ଧ୍ୟାନ ଦେବା ପାଇଁ ସ୍ଥିରିକୃତ ହୋଇଛି। ଏହି ଆଲୋଚନା ସଭାରେ ରାଜସ୍ୱ ଅଧିକାରୀଙ୍କ ସହ କମ୍ପାନୀର ଉଚ୍ଚସ୍ତରୀୟ ଅଧିକାରୀ ସଞ୍ଜିବ ସାହୁ, ଡାକ୍ତର ବଳରାମ ପଣ୍ଡା, ବିବେକ ଗୁପ୍ତା, ସୁଧୀର ରଞ୍ଜନ ମହାନ୍ତି, ବିରେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦେଶୀ ମଦ, ମହୁଲ ପୋଚ ଜବତ: ୪ ଗିରଫ

**ଦେବଗଡ଼,୧୯।୫(ଡି.ଏନ,ଏ)**

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦେବଗଡ଼ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୮ଲିଟର ଦେଶୀ ମହୁଲୀ ମଦ ଓ ୬୦ କିଲୋ ମହୁଲ ପୋଚ ଜବତ କରାଯାଇଛି। ଏହା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ସେହି ସ୍ଥାନରେ ଚଢାଉ କରିବାକୁ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ଦେବଗଡ଼ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଅବକାରୀ ଅଧିକ୍ଷକ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଇନ୍‌ସ୍ପେକ୍ଟର ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ବଳମ ଗ୍ରାମର ଲକ୍ଷ୍ମୀ ସାହୁଙ୍କ ଘରୁ ୨୦ ଲିଟର ଚୁଲେଇ ରନ୍ଧାମଦ, କାମିନିପାଳ ଗ୍ରାମର ସୋହନ କୁମ୍ଭାରଙ୍କ ଘରୁ ୧୦ ଲିଟର ଦେଶୀ ରନ୍ଧା ମଦ, ସେହି ଗ୍ରାମର ଅଟୁଆରୀ କୁମ୍ଭାରଙ୍କ ଘରୁ ୫ଲିଟର ଦେଶୀ ରନ୍ଧା ମଦ ଓ ନିକ୍ରିମାଳ ଖଡିଆସାହିର ଚନ୍ଦ୍ରମା ବେହେରାଙ୍କ ଘରୁ ୩ଲିଟର ଦେଶୀ ମହୁଲୀ ମଦ ଓ ୬୦ କିଲୋ ମହୁଲ ପୋଚ ଜବତ କରାଯାଇଥିଲା। ସେହିପରି ବେଆଇନ ମଦ କାରବାର ଅଭିଯୋଗରେ ଉପରୋକ୍ତ ଲକ୍ଷ୍ମୀ ସାହୁ, ସୋହନ କୁମ୍ଭାର, ଅଟୁଆରୀ କୁମ୍ଭାର ଓ ଚନ୍ଦ୍ରମା ବେହେରାଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ସବ୍‌ଇନ୍‌ସ୍ପେକ୍ଟର ସିଦ୍ଧେଶ୍ୱର ନାୟକ, ପ୍ରତ୍ୟୁଷ କୁମାର ସାହୁଙ୍କ ସମେତ ବହୁ ଅବକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୧୯।୫**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ସ୍ୱାମୀଙ୍କ ମୃତ୍ୟୁର ୫ମିନିଟ୍ ପରେ ହୃଦଘାତରେ ସ୍ତ୍ରୀଙ୍କ ଜୀବନ ଚାଲି ଯାଇଛି। ମୃତକମାନେ ହେଲେ ଉକ୍ତ ଗ୍ରାମର ଗିରିଧାରୀ ମେହେର(୫୦) ଏବଂ ସ୍ତ୍ରୀ କ୍ଷୀରବତୀ(୪୮)। ଭେଡ଼େନ କୋଭିଡ୍ ସ୍ୱର୍ଗଦ୍ୱାରର ଗୋଟିଏ ଜୁଇରେ ଏହି ଦମ୍ପତିଙ୍କ ଶବଦାହ କରାଯାଇଛି । ଘଟଣାଟି ଅଞ୍ଚଳବାସୀଙ୍କ ସ୍ତବ୍ଧ, ଶୋକାଭିଭୂତ କରି ପକାଇଛି । ମୃତ ଗିରିଧାରୀ ଦିନକ ପୂର୍ବରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ ଏବଂ ସଙ୍ଗରୋଧରେ ରହିଥିଲେ। ଦିନ ୧୧ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା ଏବଂ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭେଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚିବା ପୂର୍ବରୁ ତାଙ୍କ ଜୀବନ ଚାଲିଯାଇଥିଲା। ଅନ୍ୟପକ୍ଷେ ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଦିନପ୍ରାୟ ୧୧ଟା୫ରେ ସ୍ତ୍ରୀ କ୍ଷୀରବତୀଙ୍କ ମୃତ୍ୟୁ ହୋଇଥିଲା। ହୃଦ୍‌ଘାତରେ ତାଙ୍କ ଜୀବନ ଚାଲି ଯାଇଥିବା ପରିବାର ଲୋକେ କହିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାରର ଟୁକୁ ଦୁଆରି, ହୀରା ମହାକୁର, ତହସିଲଦାର ଅନୀଲ ହୋତା, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ସାହୁ ପ୍ରମୁଖ ଶବ ସତ୍କାର ସମୟରେ ଉପସ୍ଥିତ ଥିଲେ।





ଗିରିଧାରୀ ମେହେର, କ୍ଷୀରବତୀ ମେହେର(ଫାଇଲ ଫଟୋ)

# ଲୁଟ୍ ଉଦ୍ୟମ କରି ବିଫଳ, ଦୁର୍ବୃତ୍ତ ପଛରୁ ଛୁରି ଫିଙ୍ଗିଲେ

**ବଡ଼ଗାଁ, ୧୯।୫(ଡି.ଏନ୍‌ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତିଲେଇମାଲ ରାସ୍ତାରେ ସୋମବାର ଆଲୁଡ଼େଗା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଲୁଟ ଉଦ୍ୟମ କରି ବିଫଳ ହେବାରୁ ଦୁର୍ବୃତ୍ତମାନେ ପଛପଟୁ ଛୁରୀ ଫିଙ୍ଗି ଆହତ କରିଛନ୍ତି। ଆଲୁଡ଼େଗା ଗ୍ରାମର ପାଉଲୁସ କୁଜୁରୁ ସ୍ତ୍ରୀଙ୍କୁ ହେମଗିର ନିକଟ ଡୁଡୁକା ଗ୍ରାମରେ ଛାଡ଼ି ଘରକୁ ଫେରିବାବେଳେ ଦିନ ସାଢେ ୧୧ଟାରେ ୨ଜଣ ଯୁବକ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ତାଙ୍କୁ ଅଟକାଇଥିଲେ। ପାଉଲୁସ ବାଇକ୍ ନ ଅଟକାଇ ଚାଲିଗଲାବେଳେ ବାଇକ୍ ରେ ପିଛା କରି ପଛପଟୁ ଛୁରୀ ଫିଙ୍ଗିଥିଲେ। ଛୁରୀ ପାଉଲୁସଙ୍କ ପିଠିରେ ବାଜି ସାମାନ୍ୟ କ୍ଷତ ହୋଇଥିଲା। ଏହା ସତ୍ତ୍ୱେ ସେ ଖସି ପଳାଇଥିଲେ। ଏନେଇ ସେ ଥାନାରେ ଲିଖିତ ଜଣାଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଅଭିଯୁକ୍ତ

**ଦେବଗଡ,୧୯।୫( ଡି.ଏନ.ଏ)**

ଦେବଗଡ ଥାନା ଅନ୍ତର୍ଗତ ରେଙ୍ଗାଲପାଲି ଗ୍ରାମର ଜଣେ ନାବାଳିକା(୧୩)ଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର ଓ ଗର୍ଭବତୀ କରିଥିବା ଅଭିଯୁକ୍ତ ରବିନ ଲୁଗୁନ (୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଅଯାଇଛି ।ରେଙ୍ଗାଲପାଲି ଗ୍ରାମର ବୁଧୁ ଲୁଗୁନଙ୍କ ପୁଅ ରବିନ ଲୁଗୁନ(୨୨) ପ୍ରାୟ ୭ ମାସ ହେଲା ବିଭିନ୍ନ ପ୍ରଲୋଭନ ଦେଖାଇ ଉକ୍ତ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରି ଆସୁଥିଲେ। ସେହିପରି ଏକଥା କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକା ଜଣକ ଭୟରେ ଏକଥା କାହାରିକୁ ଜଣାଇ ନ ଥିବାବେଳେ ସେ ରବିନଙ୍କ ଦ୍ୱାରା ବଳାତ୍କାର ଜନିତ ଗର୍ଭବତୀ ହୋଇଥିବା ନାବାଳିକାଙ୍କ ମା’ ଜାଣିବାକୁ ପାଇଥିଲେ । ସେ ରବିନ ଘରକୁ ଯାଇ ରବିନ ଓ ତାର ପରିବାର ଲୋକଙ୍କୁ ଏସମ୍ପର୍କରେ ଜଣାଇଥିଲେ ହେଁ ତାଙ୍କ କଥା ନ ଶୁଣିବାରୁ ନାବାଳିକାଙ୍କ ବାପା ମା’ ଗତ ୧୫ ତାରିଖ ଦିନ ଗାଁରେ ଗ୍ରାମବାସୀଙ୍କର ଏକ ବୈଠକ ଡାକିଥିଲେ। ଏହି ବୈଠକରେ ଛେପିଲିପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ମିନି ବୁଡ ମଧ ଉପସ୍ଥିତ ଥିଲେ। ବୈଠକକୁ ଅଭିଯୁକ୍ତ ରବିନ ଓ ତା’ର ବାପା ମା’ଙ୍କୁ ମଧ ଡକାଯାଇଥିଲା । ମାତ୍ର ଉକ୍ତ ବୈଠକରେ ରବିନ ଓ ତା’ର ବାପା ମା’ ଘଟଣାକୁ ଅସ୍ୱୀକାର କରିବାସହ ନାବାଳିକାଙ୍କର କୌଣସି ଦାୟିତ୍ୱ ନେଇପାରିବେ ନାହିଁ ବୋଲି ରୋକଠୋକ ଉତ୍ତର ଦେଇଥିଲେ। ଫଳରେ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ନାବାଳିକା ଜଣକ ଗତ ୧୫ ତାରିଖ ଦେବଗଡ ଆଦର୍ଶ ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ରବିନ ବିରୁଦ୍ଧରେ ବଳାତ୍କାର ଓ ପୋକ୍ସ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଗିରଫ କରିବା ସହ ତାକୁ କୋର୍ଟ ଚାଲାଣ କରିଥିଲା।



ଗିରଫ ଯୁବକ।

# ସୁନ୍ଦରଗଡ଼ ଜିଲାରେ ‘ସଞ୍ଜୀବନୀ ରଥ’ ଆରମ୍ଭ

**ସୁନ୍ଦରଗଡ଼, ୧୯।୫(ଡି.ଏନ୍.ଏ.)**

ସଂକ୍ରମଣର ଚେନ୍ ଭାଙ୍ଗିବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଜୁନ ୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେଣୁ ଏହି ସମୟରେ କୋଭିଡ୍ ଉପଯୋଗୀ ଆଚରଣ ପାଳନ କରିବା ସହ ଲକ୍‌ଡାଉନ ନିୟମ ମାନିବା ପାଇଁ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ବେଳେ ପ୍ରଶାସନ ପକ୍ଷରୁ ଦୁଇଟି କଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅଧିକରୁ ଅଧିକ ଟେଷ୍ଟିଂ କରିବା ଏବଂ ପଜିଟିଭ ରୋଗୀ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସଙ୍ଗରୋଧରେ ରଖିବା। ଏହା ଫଳରେ ଜିଲାରେ ଯେଉଁଠି ଅଧିକ ସଂକ୍ରମଣ ରହିଥିଲା, ସେଠାରେ ପଜିଟିଭ୍ ସଂଖ୍ୟା କମିବାରେ ଲାଗିଛି। ଜିଲାର କୋଭିଡ୍ ହସ୍ପିଟାଲଗୁଡ଼ିକୁ ଆଗରୁ ଯେତିକି ଗୁରୁତର ରୋଗୀ ଆସୁଥିଲେ, ସେମାନଙ୍କ ସଂଖ୍ୟା ମଧ କମିଛି। ଫଳରେ ଏବେ ଆଇସିୟୁ, ଅକ୍ସିଜେନ ବେଡ୍ ଏବଂ ସାଧାରଣ ବେଡ୍ ମହଜୁଦ ରହିଛି। କରୋନାର ଚେନ୍ ଭାଙ୍ଗିବା ଦିଗରେ ଏହା ଏକ ଭଲ ଲକ୍ଷଣ ବୋଲି ଜିଲାପାଳ କହିଛନ୍ତି। ସୁନ୍ଦରଗଡ଼ ଜିଲାବାସୀ ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ଯେଭଳି ଭାବରେ ସହଯୋଗ କରିଛନ୍ତି, ସେଥିପାଇଁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡ଼ାଉନ ସମୟରେ ଜନସାଧାରଣ ସେହିଭଳି ଭାବେ କୋଭିଡ୍ ନିୟମ ପାଳନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଲକ୍‌ଡାଉନ ସମୟରେ ଏବେ ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। ତେବେ ନିହାତି ଆବଶ୍ୟକ ନ ଥିଲେ ବାହାରକୁ ନ ଆସିବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ସରକାର ଲକ୍‌ଡାଉନ ସମୟରେ ବିଭିନ୍ନ ନିୟମ ଜାରି କରିଛନ୍ତି। ବିଗତ ଦିନରେ ରାଉରକେଲା ମହାନଗର ନିଗମ ଅଞ୍ଚଳ ସହ ଜିଲାର କେତେକ ସ୍ଥାନରେ ଅଧିକ ସଂଖ୍ୟାରେ ପଜିଟିଭ ବାହାରିଥିଲେ। କିନ୍ତୁ ପ୍ରଶାସନର ଲଗାତାର ବିଭିନ୍ନ କାର୍ଯ୍ୟକ୍ରମ ତଥା ଜନସାଧାରଣଙ୍କ ସହଯୋଗ ଫଳରେ ଏହି ସଂଖ୍ୟା କମିବାରେ ଲାଗିଛି। ଜିଲାରେ କରୋନା ସଂକ୍ରମଣ ଉପରେ ରୋକ ଲଗାଇବା ପାଇଁ ‘ବ୍ରେକ ଦ ଚେନ’ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟର ପ୍ରମୁଖ ସହରାଞ୍ଚଳରେ ସଂକ୍ରମଣର ଚେନ୍ ଭାଙ୍ଗିବା ପାଇଁ ସରକାର କୋଭିଡ୍ ଟିକାଦାନ କାର୍ଯ୍ୟକ୍ରମକୁ ସକ୍ରିୟ କରିଛନ୍ତି। ତେଣୁ ରାଉରକେଲାରେ ୧୮ରୁ ୪୪ ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗ ପାଇଁ ଟିକାକରଣ ଚାଲିଛି। ଏହା ଭିତରେ ରାଉରକେଲାରେ ଟିକାକରଣ କେନ୍ଦ୍ର ସଂଖ୍ୟା ବଢ଼ାଇଛୁ। ଆମକୁ ଯେତିକି ଟିକା ମିଳୁଛି, ସେହି ଅନୁଯାୟୀ ଅଧିକରୁ ଅଧିକ ସ୍ଲଟ ଖୋଲାଯାଉଛି। ସେହିପରି ଶଯ୍ୟାଶାୟୀ ବ୍ୟକ୍ତି, ରୋଗଗ୍ରସ୍ତ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଯେଉଁମାନେ ଟିକାକରଣ କେନ୍ଦ୍ରକୁ ଆସିପାରିବେ ନାହିଁ, ସେମାନଙ୍କ ଘରେ ପହଞ୍ଚି ଟିକା ଦେବା ପାଇଁ ‘ସଞ୍ଜୀବନୀ ରଥ’ ଆରମ୍ଭ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। କୋଭିଡ୍ ସମ୍ପର୍କରେ ସୂଚନା କିମ୍ବା କୌଣସି ଚିକିତ୍ସା ସମ୍ପର୍କରେ ସହାୟତା ପାଇବା ପାଇଁ ୨୪ ଘଣ୍ଟିଆ ରାଉରକେଲା କୋଭିଡ ହେଲ୍ପଲାଇନ ୧୮୦୦ ୩୪୫ ୭୪୬୮ କିମ୍ବା ସୁନ୍ଦରଗଡ଼ ଜିଲା ହେଲ୍ପଲାଇନ ୧୮୦୦ ୩୪୫ ୭୪୬୧/ ୦୧୧ – ୪୧୧୮୨୧୩୮ (ନିଃଶୁଳ୍କ) ନମ୍ବରରେ ଜନସାଧାରଣ କଲ କରିପାରିବେ।

**ଲକ୍‌ଡାଉନ ନିୟମ ମାନିବା, କୋଭିଡ୍ ସଂକ୍ରମଣ ଚେନ୍ ଭାଙ୍ଗିବା: ଜିଲାପାଳ**

**ବୁଣାକାରଙ୍କ ଘରୁ ଚୋରି**

ବରଗଡ଼ ଅଫିସ୍: ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରଡ଼ୋଲ ଗ୍ରାମର ବୁଣାକାର ହେମନ୍ତ ମେହେରଙ୍କ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଛାତ ଉପରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଘରେ ରହିଥିବା ଆଲମିରାକୁ ପ୍ରାୟ ଶହେ ମିଟର ଦୂରକୁ ବୋହି ନେଇଥିଲେ ଏବଂ ସେଥିରେ ରହିଥିବା ପ୍ରାୟ ଅଢ଼େଇ ଲକ୍ଷ ନଗଦ ଟଙ୍କା, ପାଟଶାଢ଼ୀ ଆଦି ଚୋରି ହୋଇଥିବା ହେମନ୍ତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଏହାର ତଦନ୍ତ କରୁଛି ।

## ସଂକ୍ଷେପରେ

### ୨ମହିଳାଙ୍କୁ ମିଳିଲା କୋଭିଡ୍ ଟିକା

**ଧରିତ୍ରୀ ପ୍ରଭାବ**

ବିଜେପୁର,୧୯।୫(ଡି.ଏନ.ଏ): ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ଗ୍ରାମର ସମାରି ମେହେର(୭୭) ଏବଂ ବୃନ୍ଦା ମେହେର(୭୧) ଗତ ଏପ୍ରିଲ ମାସ ୨୮ତାରିଖ କୋଭିଡ୍ ଟିକା ପାଇଁ ଅନଲାଇନ ରେଜିଷ୍ଟ୍ରେଶନ କରିଥିଲେ । ମାତ୍ର ସେମାନଙ୍କୁ ଟିକା ଦିଆ ନ ଯାଇ ଗତ ଏପ୍ରିଲ ୨୯ତାରିଖରେ କୋଭିଡ୍ ଟିକା ଦିଆହୋଇଥିବା ନେଇ ସେମାନଙ୍କ ମୋବାଇଲକୁ ଏସଏମଏସ ଆସିଥିଲା। ଏ ନେଇ ବୁଧବାର ଧରିତ୍ରୀରେ ଟିକା ନ ଦେଇ ଟିକାକରଣ ସାର୍ଟିଫିକେଟ୍ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ବୁଧବାର ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିଲା। ଟିକା ପାଇବା ପରେ ସେମାନେ ଖୁସି ଅଛନ୍ତି ବୋଲି ବୃନ୍ଦାଙ୍କ ପୁଅ ପୁରନ କହିଛନ୍ତି। ଏହା ସହିତ ସେମାନଙ୍କ ସମସ୍ୟା ନେଇ ଖବର ପ୍ରକାଶ କରିଥିବା ଯୋଗୁ ଧରିତ୍ରୀକୁ ସେ ଧନ୍ୟବାଦ ଦେଇଛନ୍ତି ।

### ବୋଲେରୋ-କାର ମୁହାଁମୁହିଁ ଧକ୍କା: ଜଣେ ମୃତ

ବୌଦ୍ଧ,୧୯।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲଇଗାଁ ଛକ ନିକଟ ରଙ୍ଗମାଟିଆଠାରେ ବୁଧବାର ଅପରାହ୍ନରେ ଏକ ବୋଲେରୋ ସହ କାରର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଧ୍ରୁବଚରଣ ବେହେରା (୫୨)। ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭୁର୍ଷୀପାଲିର ଧ୍ରୁବଚରଣ ଓ ନୀଳାମ୍ବର ସ୍ୱାଇଁ ଓଡି ୧୭କ୍ୟୁ ୮୫୧୫ ନଂ କାରରେ ନୟାଗଡ ପଟୁ ବଲାଙ୍ଗୀର ଯାଉଥିବା ବେଳେ ବୌଦ୍ଧ ପଟୁ ଚାରିଛକ ଆଡକୁ ଆସୁଥିବା ଏକ ବୋଲେରୋ (ଓଆର- ୨୩ଇ - ୯୪୦୯) ସହ ରଙ୍ଗମାଟିଆ ଠାରେ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଧ୍ରୁବଚରଣଙ୍କ ମୃତ୍ୟୁ ଘଟିଥିବା ବେଳେ ନୀଳାମ୍ବର ଗୁରୁତର ଆହତ ହୋଇଥିଲେ। ନୀଳାମ୍ବରଙ୍କୁ ପ୍ରଥମେ ପୁରୁଣାକଟକ ମେଡିକାଲୁ ନିଆଯାଇଥିଲା । ପରେ ତାଙ୍କୁ ବୌଦ୍ଧ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏପଟେ ବୋଲେରୋର ସମସ୍ତ ଯାତ୍ରୀ ଫେରାର ହୋଇଯାଇଛନ୍ତି। ଖବର ପାଇ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି ।

### ମାଣ୍ଡେଲଠାରେ ରବିଧାନ ମଣ୍ଡି ଉଦ୍‌ଘାଟିତ

ନର୍ଲା, ୧୯।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପ୍ୟାକ୍ସ ପକ୍ଷରୁ ମାଣ୍ଡେଲ ଗ୍ରାମଠାରେ ରବିଧାନ ସଂଗ୍ରହ ପାଇଁ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନର୍ଲା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଏବଂ ରାଜସ୍ୱ ନିରୀକ୍ଷକ ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଖାଉଟି ନିରୀକ୍ଷକ, ଆରଏମ୍‌ସି ଅଧିକାରୀ, ଭିଏଲଡବ୍ଲ୍ୟୁ, ପ୍ୟାକ୍ସ ଚିଫ ଓ ଷ୍ଟାଫଙ୍କ ସହିତ ନର୍ଲା ସମବାୟ ସମିତି କର୍ମକର୍ତ୍ତାଏବଂ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

### ଯୁବ ଆଇନଜୀବୀଙ୍କ ପରଲୋକ

ବୌଦ୍ଧ,୧୯।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଗ୍ରାମର ଯୁବ ଆଇନଜୀବୀ ବିଶ୍ୱନାଥ ବେହେରା(୪୧)ଙ୍କ



ବୁଧବାର ଅପରାହ୍ନରେ ପରଲୋକ ଘଟିଛି। ଦେହ ଭଲ ନ ଲାଗିବାରୁ ଗତ ମଙ୍ଗଳବାର ସେ କୋଭିଡ ଟେଷ୍ଟ କରାଇଥିଲେ । ତାଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। କିନ୍ତୁ ତାଙ୍କ ପାଖରେ କରୋନାର ଲକ୍ଷଣ ଥିବା ଜଣାପଡିଥିଲା । ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହେବାରୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ଶେଷକୃତ୍ୟ ଗାଁ ଶଶ୍ମାନରେ କରାଯାଇଛି । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ତାଙ୍କ ବିୟୋଗରେ ଆଇନଜୀବୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ରାତି ପାହିଲେ ପାଣି ଚିନ୍ତା

**ବରଗଡ଼ ଅଫିସ୍,୧୯।୫**

■ଶୋଷ ମେଣ୍ଟାଉଛି ଖୋଲାକୂଅ
■ପାନୀୟ ଜଳ ପ୍ରକଳ୍ପ ଦିବାସ୍ୱପ୍ନ

ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନା, ସୋଲାର ପାନୀୟ ଜଳ ପ୍ରକଳ୍ପ ଭଳି ଅନେକ ଯୋଜନା ରହିଛି। ହେଲେ ବରଗଡ଼ ବ୍ଲକ ଡୁମଗାଁ ପଞ୍ଚାୟତ ଅନ୍ତର୍ଗତ ଡୁରୁଙ୍ଗା ଗ୍ରାମବାସୀଙ୍କ ପାଇଁ ଏହିସବୁ ଯୋଜନା ଦିବାସ୍ୱପ୍ନ ହୋଇ ରହିଛି। ଗାଁମୁଣ୍ଡରେ ଥିବା ଏକ ଖୋଲାକୂପ ହିଁ ଗ୍ରାମବାସୀଙ୍କ ଭରସା ପାଲଟିଛି।

୪ୱାର୍ଡ଼ ବିଶିଷ୍ଟ ଡୁରୁଙ୍ଗା ଗ୍ରାମର ଜନସଂଖ୍ୟା ୪ହଜାରରୁ ଊର୍ଦ୍ଧ୍ୱ। ପାନୀୟ ଜଳାଭାବ ଉକ୍ତ ଗ୍ରାମର ଏକ ବଡ଼ ସମସ୍ୟାଭାବେ ରହିଛି । ଗ୍ରାମରେ ୬ଟି ନଳକୂଅ ରହିଛି। ମାତ୍ର ସେଥିମଧ୍ୟରୁ ଗାଁ ମୁଣ୍ଡରେ ଏବଂ ହରିଜନ ପଡ଼ାରେ ଥିବା ଗୋଟିଏ ଲେଖାଏ ନଳକୂଅ ସଚଳ ଥିବାବେଳେ ଅନ୍ୟ ସବୁ ଅକାମୀ ହୋଇ ପଡ଼ିଛି। ତେବେ କାର୍ଯ୍ୟକ୍ଷମ ରହିଥିବା ୨ନଳକୂଅରୁ ଯେଉଁ ପାଣି ବାହାରୁଛି ତାହା ମଧ୍ୟ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଗ୍ରାମରେ ପୂର୍ଣ୍ଣବନ୍ଧ ଏବଂ ନୂଆକଁଟା ନାମକ ୨ଟି ଜଳାଶୟ ରହିଛି। ଗ୍ରାମବାସୀ ସ୍ନାନଶୌଚ ପାଇଁ ସେହି ଜଳାଶୟ ଉପରେ ନିର୍ଭର କରନ୍ତି। ହେଲେ ଏହି ଜଳାଶୟ ସବୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମରେ ଜଳସ୍ତର କମି ଯାଇଛି।



ଗ୍ରାମର ମହିଳାମାନେ ଖୋଲାକୂଅ, ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି ।

ଏଭଳିସ୍ଥଳେ ଗାଁ ମୁଣ୍ଡରେ ଥିବା ଏକମାତ୍ର ଖୋଲାକୂଅର ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ହେଲେ ଏହି କୂଅର ପାଣି ପର୍ଯ୍ୟାପ୍ତ ହେଉନାହିଁ। ସକାଳୁ ମହିଳାମାନେ ଧାଡ଼ିବାନ୍ଧି ସେହି କୂଅରୁ ପାଣି ସଂଗ୍ରହ କରନ୍ତି ।

ତେବେ ଗ୍ରାମର ପାନୀୟ ଜଳ ସମସ୍ୟା ବହୁ ପୁରୁଣା। ହେଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ପାଇଁ ସ୍ଥାନୀୟ ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ପ୍ରୟାସ କରି ନାହାନ୍ତି। ଗ୍ରାମବାସୀ ବିଭିନ୍ନ ସମୟରେ ଦୃଷ୍ଟି ଆକର୍ଷଣ କରି ଆସିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଗ୍ରାମର ମାନଭଞ୍ଜନ ସାହୁ କହିଛନ୍ତି, ପ୍ରତି ନିର୍ବାଚନ ସମୟରେ ରାଜନୈତିକ ଦଳର ନେତାମାନେ ପାନୀୟଜଳ ପ୍ରକଳ୍ପର ପ୍ରତିଶୃତି ଦେଉଛନ୍ତି। କିନ୍ତୁ ନିର୍ବାଚନ ସରିଗଲା ପରେ ପ୍ରତିଶୃତିକୁ ଭୁଲି ଯାଉଛନ୍ତି। ଗ୍ରାମର ଦମୟନ୍ତୀ ଭୁଏଙ୍କ କହିବାନୁସାରେ ରାତି ପାହିଲେ ପାଣିଚିନ୍ତା କରିବାକୁ ପଡୁଛି। ଖୋଲାକୂଅରୁ ପାଣି ଗରାଏ ସଂଗ୍ରହ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ସମାନ କଥା କହିଛନ୍ତି ଗ୍ରାମର ନୂଆଁଦେଇ ଭୋଇ। ୱାର୍ଡ଼ସଭ୍ୟ ଜଗନ୍ନାଥ ସାହୁ କହିଛନ୍ତି, ପାନୀୟ ଜଳାଭାବ ପାଇଁ ଗ୍ରାମବାସୀଙ୍କୁ ବହୁତ ଅସୁବିଧା ହେଉଛି । ଯେଉଁ ଖୋଲାକୂଅରୁ ଏବେ ପାଣି ସଂଗ୍ରହ କରି ଲୋକେ ବ୍ୟବହାର କରୁଛନ୍ତି ତାହାରର ଜଳସ୍ତର ମଧ୍ୟ ଯଥେଷ୍ଟ ହ୍ରାସ ପାଇଲାଣି। ଗ୍ରାମକୁ ପାଇପ୍ ଜଳ ଯୋଗାଣ ପାଇଁ ଏକ ପ୍ରକଳ୍ପ ଅନୁମୋଦନ ହୋଇଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି । କିନ୍ତୁ ଓଭରହେଡ୍ ଟ୍ୟାଙ୍କ ସ୍ଥାପନ ପାଇଁ ସ୍ଥାନ ନିରୂପଣ ଆଳରେ ସେମାନେ ସମୟ ଗଡ଼ାଇ ଚାଲିଥିବା ସେ କହିଛନ୍ତି। ଏ ସମ୍ପର୍କରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ବରଗଡ଼ ଜିଲାର ୬ଟି ବ୍ଲକର ପ୍ରତି ଗ୍ରାମକୁ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ପାନୀୟଜଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ଗତବର୍ଷରୁ ୬୩୦ କୋଟି ଟଙ୍କା ମଞ୍ଜୁର କରି ସାରିଛନ୍ତି । ସେଥିରେ ବରଗଡ଼ ବ୍ଲକ ମଧ୍ୟ ରହିଛି। ଏଲ୍ଆଣ୍ଡ୍‌ଟି କମ୍ପାନୀ ଏହି ପ୍ରକଳ୍ପର କାମ ହାତକୁ ନେଇଛି। ଇତିମଧ୍ୟରେ ସର୍ଭେ କାମ ମଧ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରତି ଗ୍ରାମକୁ ପାନୀୟଜଳ ଯୋଗାଣ ହେବ ବୋଲି କହିଥିଲେ ।

# ଅବାଧରେ ଚାଲିଛି ମଦ କାରବାର

**ଅମରପାଲି,୧୯।୫(ଡି.ଏନ.ଏ.)**

**ବୀରମହାରାଜପୁର ଉପଖଣ୍ଡ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ଅବାଧରେ ଚାଲିଛି ମଦ କାରବାର। ଉପାନ୍ତ ଅଞ୍ଚଳର ଜଙ୍ଗଲରେ ରୀତିମତ ମଦ ପ୍ରସ୍ତୁତ ହେଉଛି। ପ୍ରସ୍ତୁତ ମଦକୁ ପଲିଥିନ ପ୍ୟାକେଟ(ପାଉଚ) କରାଯାଉଛି। ପରେ ତାହାକୁ ବାଇକ ଓ ଚାରିଚକିଆ ଯାନ ମାଧ୍ୟମରେ ବିଭିନ୍ନ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଛି। ଏପରିକି ଏଠାରୁ ସମ୍ବଲପୁର, ଅନୁଗୋଳ ଓ ବୌଦ୍ଧ ଜିଲାକୁ ଚାଲାଣ କରାଯାଉଛି।

ମଦ ପ୍ରସ୍ତୁତି ଉପାନ୍ତ ଅଞ୍ଚଳରେ ବ୍ୟାପକ ମାତ୍ରାରେ ହେଉଥିବା ବେଳେ ବୀରମହାରାଜପୁର ଓ ଉଲୁଣ୍ଡା ସହରରେ କୁଚିଆ ମଦ ବେପିକର ବିକ୍ରି ହେଉଛି। ପୂର୍ବରୁ ଯେତେ ଦାମରେ ମଦ ବିକ୍ରି ହେଉଥିଲା ଏବେ ଲକ୍‌ଡାଉନ ଯୋଗୁ ଏହାର ଦାମ ବଢ଼ାଇ ଦିଆଯାଇଛି। ତଥାପି ମଦ ବିକ୍ରି କମୁନାହିଁ। ଅବକାରୀ ବିଭାଗ ପ୍ରତ୍ୟହ ଚଢ଼ାଉ କରାଯାଉଥିବା କହୁଥିଲେ ମଧ ଗତ ୧୫ଦିନ ଭିତରେ ଜଣେ ବି ମଦ ବିକ୍ରେତାକୁ ଗିରଫ କରିନାହିଁ। ଏଥିରୁ ମଦମାଫିଆ ଓ ଅବକାରୀ ବିଭାଗ ମଧ୍ୟରେ ଥିବା ଭିତିରି ସମ୍ପର୍କ ସ୍ପଷ୍ଟ ହେଉଛି। ଗାଁ ଗାଁରେ କୁଚିଆ ମଦ ବିକ୍ରି ଯୋଗୁ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡିଲେଣି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପାରିବାରିକ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଲାଣି। ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସ୍ୱୟଂସହାୟିକା ଗୋଷ୍ଠୀ ମହିଳା ମଦ ବିରୋଧୀ ଆନ୍ଦୋଳନ ଚଳାଇଥିଲେ ମଧ ତାହା ଅବାଧ ମଦ କାରବାରକୁ ରୋକି ପାରୁନାହିଁ। ଅବକାରୀ ବିଭାଗ ବି ନିଷ୍କ୍ରିୟତା ପ୍ରଦର୍ଶନ କରୁଛି। ସାମାଜିକ କର୍ମୀ ସୁଦାମ ଗାଇଗରିଆ କହିଛନ୍ତି ଯେ, ବୀରମହାରାପୁର ଓ ଉଲୁଣ୍ଡା ଅଞ୍ଚଳରେ ବ୍ୟାପକ ମଦ କାରବାର ସାମାଜିକ ସୌହାର୍ଦ୍ଦ୍ୟ ବ୍ୟାହତ କରୁଛି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବୀରମହାରାଜପୁର ଅବକାରୀ ନିରୀକ୍ଷକ ସୁଧୀର କୁମାର ମିଶ୍ର କହିଛନ୍ତି ଯେ, ଆମେ ବିଭିନ୍ନ ସମୟରେ ଚଢ଼ାଉ କରୁଛୁ। ସୀମାନ୍ତ ଅଞ୍ଚଳରେ ମଧ ମଦ ପ୍ରସ୍ତୁତି ବନ୍ଦ କରିବା ପାଇଁ ପଦକ୍ଷେପ ନେଉଛୁ। ଆଗକୁ ବ୍ୟାପକଭାବେ ଚଢାଉ କରାଯିବ। ମଦ ପ୍ରସ୍ତୁତି ଓ ବିକ୍ରି ହେଉଥିବା ନେଇ ଆମ ପାଖରେ ଖବର ଅଛି। ମାତ୍ର ବିଭିନ୍ନ କାରଣରୁ ଗତ ୧୫ଦିନ ହେଲା ଚଢ଼ାଉ କରିପାରୁ ନାହିଁ ବୋଲି ସେ କହିଛନ୍ତି।

# ଅମ୍ଳଜାନ କାରଖାନା କାର୍ଯ୍ୟକ୍ଷମ ପାଇଁ ମିଳିଲା ୪୫ ଲକ୍ଷ

**ବୌଦ୍ଧ,୧୯।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଅମ୍ଳଜାନ କାରଖାନା ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି । ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ବୁଧବାର ଏହି ସୂଚନା ଦେବା ସହ ଏଥିପାଇଁ ଜିଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। କୋଭିଡ ମୁକାବିଲା କ୍ଷେତ୍ରରେ ଆଗୁଆ ପଦକ୍ଷେପ ଗ୍ରହଣ କରି ଓଡ଼ିଶା ସାରା ଦେଶରେ ଉଦାହାରଣ ସୃଷ୍ଟି କରିଛି। ସେହିପରି ଅନ୍ୟ ରାଜ୍ୟଗୁଡିକ ଅମ୍ଳଜାନ ସଙ୍କଟ ଦେଇ ଗତି କରୁଥିବା ବେଳେ ଓଡ଼ିଶା ଅନ୍ୟ ରାଜ୍ୟକୁ ଅମ୍ଳଜାନ ଯୋଗାଇ ପ୍ରଶଂସା ସାଉଁଟିଛି। ଦ୍ୱିତୀୟ ଲହର କୋଭିଡ ସଂକ୍ରମଣ ବୃଦ୍ଧି ପାଇ ଚାଲିଥିବା ବେଳେ ଠିକ ସମୟରେ ଅମ୍ଳଜାନ ନ ପାଇ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସଙ୍କଟ ଦୂର ପାଇଁ ବହୁ ସଂଖ୍ୟାରେ ଅମ୍ଳଜାନ କାରଖାନା ସ୍ଥାପନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ଓଡ଼ିଶାର ୭ ଗୋଟି ଜିଲା ମଧ୍ୟରୁ ବୌଦ୍ଧରେ ଏକ ଅମ୍ଳଜାନ କାରଖାନା ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ବୌଦ୍ଧରେ ଏହି ଅମ୍ଳଜାନ କାରଖାନା ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କାରଖାନା ସ୍ଥାପନ କରାଯିବ ବୋଲି ଜଣାପଡିଛି। ତେବେ କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ଆବଶ୍ୟକ ଜମି ଯୋଗାଇ ଦେଇଥିବା ବେଳେ ଏହାକୁ କାର୍ଯ୍ୟକ୍ଷମ ଲାଗି ୪୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ଏହାଛଡା ସରକାରଙ୍କ ପକ୍ଷରୁ ଉକ୍ତ କାରଖାନା ପାଇଁ ବିଦ୍ୟୁତ୍ ସଂଯୋଗ ସହ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ କରାଯିବ ବୋଲି ଜଣାପଡିଛି। ଏହି କାରଖାନା କାର୍ଯ୍ୟକ୍ଷମ ହେଲେ ବୌଦ୍ଧ ସମେତ ପଡୋଶୀ ଜିଲାଗୁଡିକ ଉପକୃତ ହୋଇପାରିବ ।

# କାମ କରୁନି ଆଇସିୟୁ, ଭେଣ୍ଟିଲେଟର

**ବଲାଙ୍ଗୀର ଅଫିସ, ୧୯।୫**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁରେ ଲାଗିଥିବା ଭେଣ୍ଟିଲେଟର କାର୍ଯ୍ୟ କରୁନାହିଁ। ଫଳରେ ଅଣକୋଭିଡ ଗୁରୁତର ରୋଗୀମାନେ ଏବେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟଲ ଆଇସିୟୁରେ ଥିବା ୨୦ଟି ଭେଣ୍ଟିଲେଟର କାର୍ଯ୍ୟ କରୁନାହିଁ । ଷ୍ଟାଫ୍ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି । ଅଣକୋଭିଡ ଗୁରୁତର ରୋଗୀମାନଙ୍କୁ ଆଇସିୟୁ ସେବା ଯୋଗାଇ ଦିଆଯାଇପାରୁ ନ ଥିବାରୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ଅନ୍ୟପକ୍ଷେ ଏହି ହସ୍ପିଟାଲର କୋଭିଡ ରୋଗୀଙ୍କ ପାଇଁ ୩୫ଟି ଭେଣ୍ଟିଲେଟର କାର୍ଯ୍ୟ କରୁଥିବା କୁହାଯାଇଛି। ବଲାଙ୍ଗୀର ଏମ୍‌ପିଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ଦିନେଶ ଶର୍ମା ଅଭିଯୋଗ କରିଛନ୍ତି ଯେ, ଭୀମ ଭୋଇ ମେଡିକାଲ କଲେଜରେ ୨୦ଟି ଭେଣ୍ଟିଲେଟର



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭେଣ୍ଟିଲେଟରକୁ ଲୁଗା ଗୁଡାଯାଇ ରଖାଯାଇଛି ।

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**
■ଷ୍ଟାଫ ଅଭାବରୁ ଭେଣ୍ଟିଲେଟର ଅଚଳ ପଡିଛି

କାର୍ଯ୍ୟ କରୁନାହିଁ। ସେଗୁଡିକୁ ଲୁଗା ଗୁଡାଯାଇ ରଖାଯାଇଛି। ଷ୍ଟାଫ୍ ଅଭାବରୁ ଭେଣ୍ଟିଲେଟର କାର୍ଯ୍ୟକାରୀ କରାଯାଇ ପାରୁ ନ ଥିବା କୁହାଯାଉଥିଲେ ମଧ ଅଣକୋଭିଡ ଗୁରୁତର ରୋଗୀ କିପରି ଚିକିତ୍ସିତ ହେବେ ଧ୍ୟାନ ଦିଆଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଏନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକଙ୍କୁ ପଚରାଯିବାରୁ ବର୍ତ୍ତମାନ ହସ୍ପିଟାଲରେ କୋଭିଡ ରୋଗୀଙ୍କ ପାଇଁ ୩୦ଟି ଭେଣ୍ଟିଲେଟର କାର୍ଯ୍ୟ କରୁଛି । ଷ୍ଟାଫ୍ ଅଭାବରୁ ଅନ୍ୟ ୫ଟି ଭେଣ୍ଟିଲେଟର କାର୍ଯ୍ୟ କରୁପାରୁନାହିଁ ବୋଲି କହିଛନ୍ତି ।

# ୬ ବର୍ଷ ହେଲା ବୃତ୍ତି ପାଇନାହାନ୍ତି ଛାତ୍ର

**ଲୋଇସିଂହା,୧୯।୫(ଡି.ଏନ.ଏ.)**

ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବୃତ୍ତି ପ୍ରଦାନ କରାଯାଉଛି । ହେଲେ ୨୦୧୪-୧୫ ଶିକ୍ଷା ବର୍ଷରୁ ପଞ୍ଚମ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା



ଜଣେ ଛାତ୍ର ବୃତ୍ତି ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକ ହେଲେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ କୁଟେନପାଲିର ପୁରୁଷୋତ୍ତମ ପଧାନ । ବୃତ୍ତି ଟଙ୍କା ପାଇଁ ଛାତ୍ର ଓ ତାଙ୍କ ଅଭିଭାବକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେଲେ ସୁଦ୍ଧା ସୁଫଳ ମିଳିନାହିଁ। ପୁଇଁତଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜରିଆରେ ଦଶପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ୨୦୧୪-୧୫ ଶିକ୍ଷାବର୍ଷରେ ପୁରୁଷୋତ୍ତମ ପଞ୍ଚମ ବୃତ୍ତି ପରୀକ୍ଷା ଦେଇଥିଲେ । ପରୀକ୍ଷାରେ ସଫଳତା ସହ କୃତକାର୍ଯ୍ୟ ହେଇ ବୃତ୍ତି ପାଇଁ ମନୋନୀତ ହୋଇଥିଲେ । ସ୍କୁଲ ତରଫରୁ ଆବଶ୍ୟକ କାଗଜପତ୍ର ସେତେବେଳେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। ଇତିମଧ୍ୟରେ ୬ବର୍ଷ ବିତିଯାଇଥିଲେ ସୁଦ୍ଧା ବୃତ୍ତି ଟଙ୍କା ମିଳିନାହିଁ। ଏନେଇ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗତ ଫେବୃୟାରୀ ୧୬ତାରିଖରେ ପୁର୍ନବାର ଜଣାଇବା ସହ କାଗଜାତ ଦାଖଲ କରିଛନ୍ତି। ଏହାପରେ ମଧ୍ୟ ବୃତ୍ତି ଟଙ୍କା ମିଳିବାରେ ବିଳମ୍ବକୁ ନେଇ ଅଭିବାବକ ଅମରବିନ୍ଦ ପଧାନ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଇଓ ନେପାଳ ବାଗ କହନ୍ତି, କଣ ହୋଇଛି ଦେଖିବି ବୋଲି କହିଥିଲେ। ଏଥିପ୍ରତି ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ଅଭିଭାକ ଦାବି କରିଛନ୍ତି।

# ମା'ବାପାଙ୍କୁ ହରାଇ ୨ ଭଉଣୀଭାଇ ବେସାହାରା



ଭଙ୍ଗା ଘର ସମ୍ମୁଖରେ ୨ ଭଉଣୀଭାଇ।

**ନୂଆପଡ଼ା ଅଫିସ,୧୯।୫**

ମା'ବାପା ଆରପାରିକୁ ଚାଲିଗଲା ପରେ ବେସାହାରା ହୋଇଛନ୍ତି ନାବାଳିକାବାଳକ। କମ୍ ବୟଷରେ ମା'ବାପାଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ଭଉଣୀଭାଇ। ଗାଁର ପିଉସା ଘରେ ଏବେ ଆଶ୍ରୟ ନେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୂଆପଡା ଜିଲା ବୋଡେନ ବ୍ଲକ ଭଇଷାଦାନୀ ଗ୍ରାମରେ। ଗୋଟିଏ ବର୍ଷ ବ୍ୟାବଧାନରେ ବାପା ଓ ମା'ଙ୍କୁ ହରାଇ ଦୁଇ ଭଉଣୀଭାଇ ବର୍ତ୍ତମାନ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏକ ବର୍ଷ ପୂର୍ବେ ବାପା ଧନସିଂ ପହରିଆ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ସରକାରୀ ସହାୟତା ପାଇଁ ଅନୁରୋଧ କରିଥିଲେ ଅଞ୍ଚଳବାସୀ। ସରକାରଙ୍କ ପକ୍ଷରୁ ବିଧବା ଭତ୍ତା ପ୍ରଦାନ କରିଥିଲେ। ହେଲେ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସାମିଲ ସତ୍ତ୍ୱେ ସହାୟତା ମିଳିନାହିଁ। ଗତ ୧୨।୫।୨୧ରେ ସାବିତ୍ରୀଙ୍କ ମୃତ୍ୟୁ ହୋଇଗଲା। ଏବେ ୨ ନାବାଳିକାନାବାଳକ ବେସାହାରା। ଝିଅ ଅସ୍ମିତା ପହରିଆକୁ ୧୨ ବର୍ଷ ଓ ପୁଅ ପଣ୍ଡିତ ପହରିଆକୁ ୪ ବର୍ଷ। ଗାଁରେ ଥିବା ତାଙ୍କ ପିଉସା ଲକ୍ଷ୍ମଣ ପହରିଆ ଦୁଇ ନାବାଳକର ଦେଖାଶୁଣା କରି ନିଜ ଘରେ ରଖିଛନ୍ତି। ମା'ବାପା ଛେଉଣ୍ଡ ଦୁଇ ନାବାଳକଙ୍କୁ ପରିବାର କଲ୍ୟାଣ ଯୋଜନାରେ ସାମିଲ କରି ସରକାରୀ ସହାୟତା ଯୋଗାଇ ଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ କଲ୍ୟାଣ ଯୋଜନାରେ ଦୁଇ ନାବାଳକଙ୍କୁ ଘର ପ୍ରଦାନ କରାଯାଇ ଓ ଭରଣ ପୋଷଣ ସରକାର ବହନ କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସଂକ୍ରନ୍ତରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ପଚାରିବାରୁ ଆମର ଏକ ଟିମ୍ ମଙ୍ଗଳବାର ସେହି ଗାଁକୁ ଯାଇଥିଲା। ତଦନ୍ତ ପରେ ଆମ ପକ୍ଷରୁ ଯେତେ ସହଯୋଗ ହୋଇପାରିବ ଆମେ କରିବୁ ବୋଲି ବିଡିଓ କହିଥିଲେ।

# ରୋଗୀ ପରିଜନଙ୍କୁ ବିଶ୍ୱାତ୍ମ ଚେତନା ପକ୍ଷରୁ ଅନ୍ନପୂର୍ଣ୍ଣା ସେବା

**ବଲାଙ୍ଗୀର ଅଫିସ, ୧୯।୫**

ବଲାଙ୍ଗୀର ବିଶ୍ୱାତ୍ମା ଚେତନା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ୍ ପରିସରରେ ପରିଷଦ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱାତ୍ମ ଚେତନା ପରିଷଦ ଟ୍ରଷ୍ଟ ପକ୍ଷରୁ ବିଶ୍ୱାତ୍ମ ଚେତନା ଅର୍ଣ୍ଣପୂର୍ଣ୍ଣ ସେବା ଆରମ୍ଭ କରାଯାଇଛି। ପରିଷଦର ସ୍ୱାମୀ ସତ୍ୟବେଦାନାନନ୍ଦ ସରସ୍ୱତୀ ଏବଂ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀଜୀଙ୍କ ତତ୍ତ୍ୱାବଧାନରେ କରୋନା ରୋଗୀମାନଙ୍କୁ ଯତ୍ନ ନେଉଥିବା ସମ୍ପର୍କୀୟମାନଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ପ୍ରତିଦିନ ୧୦୦ ଜଣଙ୍କ ପାଇଁ ଆଶ୍ରମ ତିଆରି



ସାତ୍ତ୍ୱିକ ପ୍ରସାଦ ପ୍ୟାକେଟ୍ ମାଧ୍ୟମରେ ବଣ୍ଟନ କରାଯାଉଛି। ବିଶ୍ୱାତ୍ମ ଚେତନା ପରିବାର ସଦସ୍ୟବୃନ୍ଦ କୋଭିଡ୍ ନିୟମ ପାଳନ ପୂର୍ବକ ସେବାଦାନ କରୁଛନ୍ତି। ପରିଷଦର ଏଭଳି ସେବା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୧୯।୫**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ସ୍ୱାମୀଙ୍କ ମୃତ୍ୟୁର ୫ମିନିଟ୍ ପରେ ହୃଦଘାତରେ ସ୍ତ୍ରୀଙ୍କ ଜୀବନ ଚାଲି ଯାଇଛି। ମୃତକମାନେ ହେଲେ ଉକ୍ତ ଗ୍ରାମର ଗିରିଧାରୀ ମେହେର(୫୦) ଏବଂ ସ୍ତ୍ରୀ କ୍ଷୀରବତୀ(୪୮)। ଭେଡ଼େନ କୋଭିଡ୍ ସ୍ୱର୍ଗଦ୍ୱାରର ଗୋଟିଏ ଜୁଇରେ ଏହି ଦମ୍ପତିଙ୍କ ଶବଦାହ କରାଯାଇଛି । ଘଟଣାଟି ଅଞ୍ଚଳବାସୀଙ୍କ ସ୍ତବ୍ଧ, ଶୋକାଭିଭୁତ କରି ପକାଇଛି। ମୃତ ଗିରିଧାରୀ





ଗିରିଧାରୀ ମେହେର, କ୍ଷୀରବତୀ ମେହେର(ଫାଇଲ ଫଟୋ)

ଦିନକ ପୂର୍ବରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ ଏବଂ ସଙ୍ଗରୋଧରେ ରହିଥିଲେ। ଦିନ ୧୧ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା ଏବଂ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭେଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚିବା ପୂର୍ବରୁ ତାଙ୍କ ଜୀବନ ଚାଲିଯାଇଥିଲା। ଅନ୍ୟପକ୍ଷେ ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଦିନପ୍ରାୟ ୧୧ଟା୫ରେ ସ୍ତ୍ରୀ କ୍ଷୀରବତୀଙ୍କ ମୃତ୍ୟୁ ହୋଇଥିଲା। ହୃଦ୍‌ଘାତରେ ତାଙ୍କ ଜୀବନ ଚାଲି ଯାଇଥିବା ପରିବାର ଲୋକେ କହିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାରର ଟୁକୁ ଦୁଆରି, ହୀରା ମହାକୁର, ତହସିଲଦାର ଅନୀଲ ହୋତା, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ସାହୁ ପ୍ରମୁଖ ଶବ ସତ୍କାର ସମୟରେ ଉପସ୍ଥିତ ଥିଲେ।

## କୋଭିଡ୍ ନିୟମ ଉଲ୍ଲଂଘନ: ୨ ଦୋକାନ ସିଲ୍, ଜରିମାନା ଆଦାୟ

**ନୂଆପଡ଼ା ଅଫିସ:** ଜିଲା ପ୍ରଶାସନ ପକ୍ଷରୁ ଡାକବାଜିଯନ୍ତ୍ର ମାଧ୍ୟମରେ କୋଭିଡ୍ ନିୟମ ସମ୍ପର୍କରେ ସଚେତନ ଏବଂ ନିୟମ କଡାକଡି କରୁଥିଲେ ମଧ୍ୟ ଲୋକେ ଭ୍ରୂକ୍ଷେପ କରୁ ନ ଥିବା ନଜରକୁ ଆସୁଛି। ବୁଧବାର ନୂଆପଡା ଜିଲା ଖରିଆର ରୋଡ ସହରରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନବଜାର ଖୋଲା ଯାଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ୨ଟି ଦୋକାନକୁ ସିଲ କରି ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜୋଙ୍କ ଥାନା ଆଇଆଇସି ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଖରିଆର ରୋଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ଓ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।

# ଗାଁକୁ ବ୍ୟାପିଲାଣି ସଂକ୍ରମଣ

**ସୋନପୁର,୧୯।୫(ନି.ପ୍ର.)**

କରୋନା ମହାମାରୀର ଦ୍ୱିତୀୟ ଲହର ସୁବର୍ଣ୍ଣପୁର ଜିଲାକୁ କବଳିତ କରିଲାଣି। ସଂକ୍ରମଣ ସହରାଞ୍ଚଳରେ ସୀମିତ ନ ରହି ଗାଁ ଗଣ୍ଡାକୁ ବ୍ୟାପିବାରେ ଲାଗିଛି। ସଂକ୍ରମିତଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି। ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେଉଛି। ସଂକ୍ରମଣ ରୋକିବାକୁ ସରକାର ସପ୍ତାହାନ୍ତ ଶଟ୍‌ଡାଉନ, ଲକ୍‌ଡାଉନ ଓ ବିଭିନ୍ନ କଟକଣା ଲଗାଇଛନ୍ତି। ମାତ୍ର ଜିଲାରେ ସଂକ୍ରମଣ କମିବା ବଦଳରେ ବଢୁଛି। ଅନ୍ୟ ରାଜ୍ୟଗୁଡିକରେ ତାଲାବନ୍ଦ କଟକଣା ଯୋଗୁ ପ୍ରବାସୀମାନେ ଓଡିଶା ମୁହାଁ ହୋଇଛନ୍ତି। ଗତଥର କରୋନା ସଂକ୍ରମଣର ପ୍ରଥମ ଲହର ସମୟରେ ହଜାର ହଜାର ପ୍ରବାସୀଙ୍କ ଆଗମନ କାରଣରୁ ସଂକ୍ରମଣ ବ୍ୟାପିଥିଲା।

**ଦ୍ୱରିତ ପଦକ୍ଷେପ ହୋଇପଡିଛି ଜରୁରୀ**



ହେଲେ ସେତେବେଳେ ସେମାନଙ୍କ କରୋନା ଟେଷ୍ଟ କରାଯାଉଥିଲା । ମାତ୍ର ଏବେ ପ୍ରବାସୀଙ୍କର ନା ପରୀକ୍ଷା ହେଉଛି ନା ସେମାନଙ୍କ ପାଇଁ ପଞ୍ଚାୟତ ସ୍ତରରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ସଂକ୍ରମିତ ପ୍ରବାସୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ବାହାରେ ବୁଲୁଥିବା ଅଭିଯୋଗ ହେଉଛି ।

ଗତ କିଛି ଦିନ ହେଲା ଜିଲାରୁ ଦୈନିକ ୨ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଗତ ୪୦ ଦିନ ଭିତରେ ମୋଟ ୧୨ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ୍ ଆସିଲାଣି । ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ବୁଧବାର ଜିଲାରେ ୧୬୭୯ ଜଣଙ୍କ ଦେହରେ କରୋନା ଭୂତାଣୁ ସକ୍ରିୟ ଅଛନ୍ତି । ଯଦି ବର୍ତ୍ତମାନ ଠାରୁ ଜିଲା ପ୍ରଶାସନ ବିହିତ ପଦପେକ୍ଷ ଗ୍ରହଣ ନ କରନ୍ତି ତେବେ ଆଗକୁ ସ୍ଥିତି ସାଂଘାତିକ ହେବା ଆଶଙ୍କା କରାଯାଉଛି। ଗତବର୍ଷ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଙ୍ଗରୋଧର ବ୍ୟାପକ ବ୍ୟବସ୍ଥା ହୋଇଥିଲା । ଜିଲାରେ ୨୭୦ଟି ଟିଏମ୍‌ସି (ଟେମ୍ପୋରାରି ମେଡିକାଲ ସେଣ୍ଟର), ୧୦୯ଟି ପଞ୍ଚାୟତରେ ସିସିଏଚ୍(କୋଭିଡ କେୟାର ହୋମ୍) ଓ ୧୧ଟି ସିସିସି(କୋଭିଡ୍ କେୟାର ସେଣ୍ଟର) ଖୋଲା ଯାଇଥିଲା। ଏଥିପାଇଁ ବ୍ୟବହୃତ ବହୁ ସାମଗ୍ରୀ କିଣା ଯାଇଥିଲା। ଗତବର୍ଷ ଅପେକ୍ଷା ଏବର୍ଷ ପାଞ୍ଚ ଗୁଣା ଦୈନିକ ସଂକ୍ରମଣ ବଢୁଥିଲେ ହେଁ ସେହି ବ୍ୟବସ୍ଥା ସରକାର ଏପର୍ଯ୍ୟନ୍ତ ଲାଗୁ କରି ନାହାନ୍ତି। ଚଳିତ ଥର ରେଡ ଜୋନ୍‌ରୁ ଆସିଥିବା କେବଳ ୧୭ ଜଣ ପ୍ରବାସୀଙ୍କୁ କ୍ଲଷ୍ଟର ଟିଏମ୍‌ସିରେ ସଙ୍ଗରୋଧରେ ରଖାଯାଇଛି। କୋଭିଡ୍ କଟକଣାକୁ ଗ୍ରାମାଞ୍ଚଳରେ ଅଧିକାଂଶ ମାନୁନାହାନ୍ତି। ତେଣୁ ଗାଁ ଗଣ୍ଡାରେ ଏବେ ସଂକ୍ରମଣ ଦ୍ରୁତଗତିରେ ମାଡି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ନମୁନା ପରୀକ୍ଷା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ସହ ଭ୍ରାମ୍ୟମାଣ ନମୁନା ପରୀକ୍ଷାର ଆଶ୍ୟକତା ରହିଛି। ସରକାର ଯଦି ଏବେ ତ୍ୱରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହେବ। ସୁବର୍ଣ୍ଣପୁର ସହରର ଗୋକର୍ଣ୍ଣେଶ୍ୱରପଡା ଓ ଘୋଡାଘାଟପଡାରେ ସଂକ୍ରମଣ ବୃଦ୍ଧି ପାଇଛି। ଗୋକର୍ଣ୍ଣେଶ୍ୱରପଡାରେ ୪୨ ଜଣ ଓ ଘୋଡାଘାଟପଡାରେ ୪୦ ଜଣଙ୍କ ଶରୀରରେ ଭୂତାଣୁ ଏବେ ବି ସକ୍ରିୟ ଅଛନ୍ତି। ଗତ ୧୫ ଦିନ ଭିତରେ ସହରରେ ୪୫ଟି ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରା ଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଜିଲାକୁ ଫେରିଲେ ୧୧୩ ପ୍ରବାସୀ ଶ୍ରମିକ

**ନୂଆପଡ଼ା ଅଫିସ,୧୯।୫:** ନୂଆପଡ଼ା ଜିଲାରେ କାମ ଧନ୍ଦା ମିଳୁ ନ ଥିବାରୁ ହଜାର ହଜାର ଗରିବ, ଖଟିଖିଆ, ଦିନ ମଜୁରିଆ ଭିଟାମାଟି ଛାଡି ବାହାର ରାଜ୍ୟକୁ କାମ ଅନେଷ୍ୱଣରେ ଯାଇ ଏବେ ଘର ବାହୁଡା ହେଉଛନ୍ତି। ମଙ୍ଗଳବାର ୧୧୩ଜଣ ଦାଦନ ଶ୍ରମିକ ଜିଲ୍ଲାକୁ ଫେରିଛନ୍ତି। ଖରିଆରରୋଡ ରେଳେଷ୍ଟଶନରୁ ୬୩ଜଣ ଶ୍ରମିକ ଉତ୍ତରପ୍ରଦେଶରୁ ଆସିଥିବା ବେଳେ ଷ୍ଟଶନରେ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିବାରୁ ସମସ୍ତଙ୍କୁ ଗୃହ ସଙ୍ଗରୋଧକୁ ପଠାଇ ଦିଆଯାଇଛି। ସେହିପରି ସିନାପାଲିକୁ ୪୮ ଜଣ ପ୍ରବାସୀ ଶ୍ରମିକ ତେଲେଙ୍ଗାନାରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସିନାପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ବେଳେ ସମସ୍ତଙ୍କ ଆଣ୍ଟିଜେନ ଟେଷ୍ଟ କରିବାରୁ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିବାରୁ ହୋମ ଆଇସୋଲେଶନ ପାଇଁ ପଠାଇ ଦିଆଯାଇଛି। ଖଡିଆଳ ସହରକୁ ୨ଜଣ ମୁମ୍ବାଇ ପ୍ରବାସୀ ଶ୍ରମିକ ଫେରିଛନ୍ତି। ସେହି ଦୁଇ ଜଣ ଅମଲାପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛନ୍ତି। ତାଙ୍କର କୋଭିଡ୍ ପରୀକ୍ଷା ହୋଇ ନାହିଁ।

### କାର୍ତ୍ତିକ ତରିଆଙ୍କ ବିୟୋଗରେ ଶୋକ

**ଅମରପାଲି,୧୯।୫(ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ଓକିଲ ସଂଘ ସଭାପତି କାର୍ତ୍ତିକ ପ୍ରସାଦ ତରିଆଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ଏମପି ଶରତ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସ୍ଥାନୀୟ ଓକିଲ ସଂଘ ତରଫରୁ ଏକ ଶୋକସଭା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି କଂଗ୍ରେସ ଦଳ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଜିଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ରାଜୀବ ଗାନ୍ଧୀ ଫାଉଣ୍ଡେସନର ଜିଲା ସଭାପତି ଲବ କୁମାର ସାହୁ ତରିଆଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ।

### ଶିକ୍ଷକଙ୍କ ପରଲୋକ

**ଲୋଇସିଂହା,୧୯।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା



ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମର ଶିକ୍ଷକ କୈବଲ୍ୟ ତାରିଆ(୫୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ବରଗଡର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଭାଇ ଜଳ ତରିଆ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ତରିଆ ସଇଁତଲା ବ୍ଲକ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସାହିତ୍ୟରେ ତାଙ୍କର ପ୍ରଗାଢ ଜ୍ଞାନ ରହିଥିଲା। ଏହାବାଦ ସେ ଗାଁର ରାମଲୀଳା ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ବିୟୋଗରେ ବୁଧବାର ଗ୍ରାମର ରାମଲୀଳା ଅନୁଷ୍ଠାନ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା।

### ହଟୁଆ ସମାଜ ଉପଦେଷ୍ଟାଙ୍କ ପରଲୋକ

**ଦେଓଗାଁ,୧୯।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ୧୮ ମୌଜା ହଟୁଆ ସମାଜର



ଉପଦେଷ୍ଟା ତଥା ଦେଓଗାଁ ବ୍ଲକ ସାଗରପାଲିର ଗୋକୁଳ ଦଲାଇ(୬୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ଜଗ ଦଲାଇ ମୁଖାଗ୍ନି ଦେଇଥିଲେ। ଗତ ୧୭ ବର୍ଷ ଧରି ସେ ସମାଜର ଉପଦେଷ୍ଟାଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ଜିଲା ୧୮ ମୌଜା ହଟୁଆ ସମାଜ ସଭାପତି ହରିଶ୍ଚନ୍ଦ୍ର ପଧାନ. ଉପସଭାପତି ଦଶରଥ ସେନାପତି, ସମ୍ପାଦକ କୈଳାସ ଚନ୍ଦ୍ର କର୍ତ୍ତି, ସହସମ୍ପାଦକ ମୋହନ ଦଲାଇ, ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଗଭୀର ଶୋକପ୍ରକାଶ କରିଛନ୍ତି।

# କରୋନାରୁ ରକ୍ଷା ପାଇଁ ଦେବଦେବୀଙ୍କୁ ପୂଜା



ରିଞ୍ଜାଠାରେ ଦେବଦେବୀ, ମା’ ଧରଣୀଙ୍କୁ ଗ୍ରାମବାସୀ ପୂଜା କରୁଛନ୍ତି।

**କର୍ଲାମୁଣ୍ଡା, ୧୯।୫ (ଡି.ଏନ.ଏ.)**

କରୋନାକୁ ନେଇ ଗାଁଗାଁରେ ଭୟର ଆତଙ୍କ ଖେଳିଯାଇଛି। ଲୋକେ ଏବେ ଗାଁ ଧରଣୀ ମା’ଙ୍କ ଉପରେ ଭରସା କରୁଛନ୍ତି। ଗାଁରେ ଦେବଦେବୀଙ୍କୁ ପୂଜାପାଠ ଆରମ୍ଭ କରିଦେଲେଣି। ଏଭଳି ଘଟଣା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମରେ ଦେଖିବାକୁ ମିଳିଛି। କରୋନା ମହାମାରୀରୁ ମୁକ୍ତି ପାଇବା ପାଇଁ ଗ୍ରାମବାସୀ ଗାଁ ଧରଣୀ ଗ୍ରାମ ଦେବଦେବୀଙ୍କ ନିକଟରେ ଶରଣ ପଡୁଛନ୍ତି। ଗତ ଶନିବାରଠାରୁ ଏହି ଗାଁର ସବୁ ଦେବଦେବୀ, ଧରଣୀପୀଠରେ ଜାଗର ଦୀପ ଜାଳିବା ସହ ମଙ୍ଗଳବାର ଦେବଦେବୀଙ୍କୁ ପୂଜାର୍ଚ୍ଚନା ସହିତ ଗାଁକୁ କରୋନାରୁ ରକ୍ଷା କରିବା ପାଇଁ ଆବାହନ କରିଥିଲେ। ପୂର୍ବରୁ ଗାଁରେ ଯେତେବଡ ବିପଦ ଆସିଥିଲେ ମଧ୍ୟ ଦେବଦେବୀଙ୍କୁ ପୂଜା କରି ଗାଁକୁ ରକ୍ଷା କରାଯାଇଛି ବୋଲି ଗାଁର ୭୦ ବର୍ଷିୟା ବୃଦ୍ଧ ଭଗବାନ ଭୋଇ କହିଛନ୍ତି। ଗ୍ରାମବାସୀଙ୍କ ନେତୃତ୍ୱରେ ପୂଝାରୀ ଅବେଲ ମାଝି ଓ ସୁଧିର ଭୋଇ ଦେବଦେବୀଙ୍କୁ ପୂଜା କରିଥିବା ବେଳେ ଗାଁର ପଞ୍ଚାନନ ବାଗ, ରାତ୍ର ସାହୁ, ଶୈଲ୍ୟ ସାହୁ, ବାବୁଲାଲ ସାହୁ, ଚିତ୍ରସେନ ଭୋଇ, ଫଗୁନ ସାହୁ, ସତ୍ୟନାରାୟଣ ସାହୁ, ପର୍ଶୁ ସାହୁ, ପାଲା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ତାଲପଦର ମଣ୍ଡି ଉଠିବା ନେଇ ଅସନ୍ତୋଷ

**ଜୁନାଗଡ/ଦାସିଗାଁ, ୧୯।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ତାଲପଦର ଗ୍ରାମର ମଣ୍ଡି ଚଳିତ ଖରିଫ ଋତୁରେ ଉଠିଯାଇଥିବା ଜଣାପଡିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ସ୍ଥାନୀୟ ଗ୍ରାମର ଚାଷୀମାନେ କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ଏକ ବୈଠକ କରି ଧର୍ମଗଡ ଉପଜିଲାପାଳ, କଳାହାଣ୍ଡି ଏମ୍‌ପି, ଭବାନୀପାଟଣା ସମବାୟ ଉପନିବନ୍ଧକଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। କରୋନା ମହାମାରୀ ସମୟରେ ଏହି ମଣ୍ଡିକୁ ନ ଉଠାଇ ସ୍ଥାୟୀ ମଣ୍ଡି ଭାବେ ଆଖ୍ୟା ଦେଇ ଚଳାଇବାକୁ ଗ୍ରାମର ଚାଷୀ ଟିକଚନ ବାଗ, ଗୌରହରି ବାଗ,ପ୍ରମୋଦ ବେହେରା, ରୁଦ୍ର ପ୍ରସାଦ ଲହଜଲ, ପବନ ନିଆଲ, ଗୋପାଲ କମଲ, ରାମ ନାଏକ, ହରିହର ନାଏକ ପ୍ରମୁଖ ଦାବି କରିଛନ୍ତି।



ଗ୍ରାମରେ ଚାଷୀମାନେ ବୈଠକ କରି ଆଲୋଚନା କରୁଛନ୍ତି।

**ଉପଜିଲାପାଳଙ୍କଠାରେ ଅଭିଯୋଗ କଲେ ଚାଷୀ**

ପ୍ରକାଶ ଯେ, ତାଲପଦର ଗ୍ରାମ ସମେତ ଦେପୁର, ବଙ୍କାପଲା, ପଦମପୁର ଆଦି ଗ୍ରାମର ଶତାଧିକ ଚାଷୀ ଧାନ ବିକ୍ରି କରୁଥିଲେ। ୨ଟି ଋତୁ ଯଥା ଖରିଫ୍ ଓ ରବିରେ ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ ଚାଷୀ ବିକ୍ରି କରୁଥିଲେ। ଚଳିତ ରବି ଋତୁରେ ତାଲପଦର ମଣ୍ଡିକୁ ୮ କି.ମି. ଦୂର ଦାସିଗାଁ ଭେଜିପଡାରେ ସଂଯୋଗ କରାଯାଇଛି। ଫଳରେ ଏଠାକାର ଚାଷୀମାନେ ଏଥର ଦାସିଗାଁ ଭେଜିପଡାକୁ ଧାନ ବିକ୍ରି କରିଯିବେ ବୋଲି ଜଣାପଡିଛି।

# ଜିଲାରେ ପୁଣି କାଳବୈଶାଖୀ, ଚିନ୍ତାରେ ଚାଷୀ

**ନୂଆପଡ଼ା ଅଫିସ,୧୯।୫**

ନୂଆପଡା ଜିଲାବାସୀଙ୍କୁ କରୋନା ଗ୍ରାସ କରିଚାଲିଥିବା ବେଳେ ଚାଷୀଙ୍କୁ ଗ୍ରାସ କରୁଛି କାଳବୈଶାଖୀ। ଗୋଟିଏ ସପ୍ତାହ ବ୍ୟାଧାନରେ ଜିଲାରେ ପୁଣି କାଳବୈଶାଖୀ ବର୍ଷା ହୋଇଛି। ବୁଧବାର ଅପରାହ୍ନରେ କାଳବୈଶାଖୀରେ ଝଡପବନ, ଘଡଘଡି ସହ ବର୍ଷା ଓ କୁଆପଥର ମାଡ ହୋଇଛି। ଗତ ସପ୍ତାହରେ କାଳବୈଶାଖୀ ଝଡପବନ ଓ ବର୍ଷାରେ ଅନେକ ଚାଷୀଙ୍କ କ୍ଷତି ହୋଇଥିଲା। ସେଥିରୁ ତ୍ରାହି ପାଇ ନ ଥିବା ବେଳେ ପୁଣି ପବନ ସହ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତା ବଢ଼ାଇଛି। ଗତ ସପ୍ତାହରେ ରବିଧାନ ପାଣିରେ ପଡି ଗଜା ହୋଇଯାଇଥିଲା । ସେହିପରି ପିଆଜ ଚାଷ ପାଣିରେ ବୁଡି ସଡି ଯାଇଥିବା ବେଳେ ତରଭୁଜ, ଚିନାବଦାମ ଓ ପନିପରିବା ସବୁ ନଷ୍ଟ ହୋଇଥିଲା। ଚାଷ ଜମି ପାଣି ଶୁଖି ଆସୁଥିବା ବେଳେ ପୁଣି ବର୍ଷା ଆରମ୍ଭ ହୋଇଛି । ଝଡପବନରେ ଚାଷ ନଷ୍ଟ ହେଉଥିବା ବେଳେ ବଞ୍ଚିଥିବା ପରିବା ଗଛ ଉପରେ ପୋକ ଦଉ ସାଧୁଛି। ଏପରି ସ୍ଥିତିରେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେଇ କ୍ଷତି ହୋଇଥିବା ଚାଷର ଶୀଘ୍ର ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ନୂତନ ପିଚୁରେ ରାସ୍ତା କାମ ଆରମ୍ଭ



ନୂତନ ପିଚୁରେ ରାସ୍ତା କାମ ଚାଲିଛି।

**ଜୁନାଗଡ, ୧୯।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତୀବ୍ରିଜ ଏପ୍ରୋଚ ତଲମଲା-ଚିଙ୍ଗୁଡିସର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗତ କିଛି ଦିନ ହେଲା ପିଚୁ କାମ ଚାଲିଥିଲା। ଜଣେ ଠିକାଦାର ଅର୍ଥ ଲାଲସାରେ କମ ପରିମାଣର ପିଚୁ ପକେଇ ରାସ୍ତାକୁ ସାରିଦେବାକୁ ବସିଥିଲେ। ରାସ୍ତାରେ କମ୍ ପରିମାଣର ପିଚୁ ପଡିବା ଯୋଗୁ ହାତରେ କିମ୍ବା ଗୋଡରେ ଘସିଲେ ସବୁ ଉଠିଯାଉଥିଲା। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଅଭିଯୋଗ ପରେ ଘଟଣା ସ୍ଥଳକୁ ବିଭାଗୀୟ ଏସ୍ ମଦନ ମୋହନ ସାହୁ, ନିର୍ବାହୀ ଯନ୍ତ୍ରୀ କ୍ଷିରୋଦ କୁମାର ସାମଲ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ପରିଦର୍ଶନ କରିବାକୁ ଆସିଥିଲେ। ପରିଦର୍ଶନ କରିବା ପରେ ଠିକାଦାରଙ୍କୁ ଖରାପ ପିଚୁକୁ ରାସ୍ତାରୁ କାଢିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ରାସ୍ତାରେ ପକାଯାଇଥିବା ଖରାପ ପିଚୁକୁ ଠିକାଦାର କାଢି ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଏବେ ଠିକାଦାର ନୂତନ ପିଚୁରେ ରାସ୍ତା କାମ କରୁଥିବା ଦେଖିବାକୁ ମିଳିଛି। ସେହିପରି ନିର୍ବାହୀ ଯନ୍ତ୍ରୀ କ୍ଷିରୋଦ ସାମଲ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି।

**ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନ, ଉଠିଲା ଖରାପ ପିଚୁ**

# ମୁଖ୍ୟାଳୟରେ କଡ଼ାକଡ଼ି, ଗ୍ରାମାଞ୍ଚଳରେ ଢିଲା

**ଦେଓଗାଁ,୧୯।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ କରୋନା କାୟାବିସ୍ତାର କରିଚାଲିଛି। କରୋନା ଚେନ ଭାଙ୍ଗିବାକୁ ବ୍ଲକ ପ୍ରଶାସନ ଉପରଝର ପଞ୍ଚାୟତର ନୂଆଁପାଲି, କୁତୁର୍ଲା ପଞ୍ଚାୟତର ମୁରସିଂ ବାଗପଡା ଓ ଚର୍ଚ୍ଚପଡା, ମକୁନ୍ଦପୁର ପଞ୍ଚାୟତର ରୁଗୁଡିପାଲି, ଗୌରଗୋଠ ପଞ୍ଚାୟତର ଆମ୍ବଦହନ, ଦେଷଣ୍ଡ ପଞ୍ଚାୟତର ଦେଷଣ୍ଡ ଆଦି ୬ଟି ସ୍ଥାନକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି । ସେହିପରି ସାଲେପାଲି ପଞ୍ଚାୟତ ବଡଡୁଙ୍ଗୁରିପାଲିକୁ ମଧ କଣ୍ଟେନମେଣ୍ଟ ଜୋନ କରାଯିବା ପାଇଁ ପ୍ରସ୍ତାବ ହୋଇଛି । ତେବେ ଏହି ଜୋନମାନଙ୍କରେ କେବଳ ବାଉଁଶ ବ୍ୟାରିକେଡ ହିଁ ଏହିସବୁ ଆବଦ୍ଧାଞ୍ଚଳକୁ ଜଗୁଥିବା ପରି ମନେହେଉଛି। କୌଣସି ଗାଁରେ କରୋନା କଟକଣା ଉପରେ କେହି ଧ୍ୟାନ ଦେଉନାହାନ୍ତି। ଏହାବାଦ ଗାଁମାନଙ୍କରେ ଦେଶୀ ରନ୍ଧାମଦ ବିକ୍ରି ବୃଦ୍ଧି ପାଉଥିବାରୁ ସଂକ୍ରମଣ ବୃଦ୍ଧିର ଏହା ଏକ ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି । ପୋଲିସ ପ୍ରଶାସନ କେବଳ ସଦର ମହକୁମାରେ ହେଲ୍‌ମେଟ ଓ ମାସ୍କ ଯାଞ୍ଚ ଏବଂ ଫାଇନ ଆଦାୟ କରି ହାତବାନ୍ଧି ବସୁଥିବାରୁ ଦେଓଗାଁ ମୁଖ୍ୟାଳୟକୁ ଛାଡିଦେଲେ ଗ୍ରାମାଞ୍ଚଳରେ କଟକଣା ଢିଲା ରହୁଥିବା ଅଭିଯୋଗ ହେଉଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

**ଦେଓଗାଁ ବ୍ଲକରେ କରୋନା କଟକଣା**

# ଗାଁରେ ବୁଲିଲା ରାଜସ୍ୱ ରଥ

**କର୍ଲାମୁଣ୍ଡା, ୧୯।୫ (ଡି.ଏନ.ଏ.)**

ମହାମାରୀ କରୋନା ସମୟରେ ହିତାଧିକାରୀମାନେ ଅଯଥାରେ ତହସିଲ ଅଫିସ ନ ଆସିବା ପାଇଁ ସରକାର ଅଭିନବ ପଦକ୍ଷେପ ନେଇଛନ୍ତି। ଲୋକମାନଙ୍କୁ ଆଉ ବିବିଧ ପ୍ରମାଣପତ୍ର ପାଇଁ ଅଫିସକୁ ଆସିବାକୁ ପଡୁନି। ରାଜସ୍ୱ ବିଭାଗ ଘରେ ପହଞ୍ଚି ଦେଉଛି ବିବିଧ ପ୍ରମାଣପତ୍ର। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଦେଖିବାକୁ ମିଳୁଛି। କର୍ଲାମୁଣ୍ଡା ତହସିଲଦାର ବାସନ୍ତି ସେଠୀ ବ୍ଲକର ବିଭିନ୍ନ ଗାଁକୁ ଯାଇ ବିବିଧ ପ୍ରମାଣପତ୍ର ବଣ୍ଟନ କରିବା ସହ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି। ଲକ୍‌ଡାଉନ ସମୟରେ ଗାଁକୁ ଯାଇ ରାଜସ୍ୱ ମାମଲା ବୁଝିବା ପାଇଁ ତହସିଲଦାରଙ୍କ ଏଭଳି ପଦକ୍ଷେପ ପାଇଁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।




ତହସିଲଦାର ଭଟାପଲା ଗାଁର ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

# ଟୋକନ ଅବ୍ୟବସ୍ଥାରୁ ବଢୁଛି ଅସନ୍ତୋଷ

**ବରଗଡ଼ ଅଫିସ୍,୧୯।୫**

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ତେବେ ଏଥିରେ ଟୋକନ କଟକଣା ଚାଷୀଙ୍କୁ ଅଡୁଆ ସାଜିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ବୁଧବାର ବରଗଡ଼ର ଜୟ କିଶାନ ଆନ୍ଦୋଳନର ଚାଷୀ ପ୍ରତିନିଧିମାନେ ଜିଲାପାଳ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ମଧ୍ୟ ଭେଟି ସ୍ମାରକପତ୍ର ଦେଇଥିଲେ।

ରବିଋତୁ ଧାନ ସଂଗ୍ରହ ପାଇଁ ସରକାର ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ସର୍ବାଧିକ ୧ହେକ୍ଟର ଅର୍ଥାତ୍ ଅଢ଼େଇ ଏକର ଜମି ପଞ୍ଜିକୃତ କରିଥିଲେ। ଚାଷୀମାନେ ୪ରୁ ୫ ଏକର ଲେଖାଏ ଜମିରେ ଧାନଚାଷ କରିଥିଲେ ସୁଦ୍ଧା ସରକାରଙ୍କ ସେଭଳି ନିଷ୍ପତ୍ତି ଯୋଗୁ ୧ହେକ୍ଟର ଜମି ପଞ୍ଜିକୃତ ହୋଇ ପାରିଥିଲା।




ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସରକାରଙ୍କ ନିଷ୍ପତ୍ତି ତଥା ଧାର୍ଯ୍ୟ ଯୋଗୁ ବିକ୍ରିଧାନ ପରିମାଣ ଅତିକମ୍‌ରେ ୬୫ କୁଇଣ୍ଟାଲ ଲେଖାଏଁ ହେବା କଥା। କିନ୍ତୁ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ଧାର୍ଯ୍ୟ ପରିମାଣଠାରୁ ଯଥେଷ୍ଟ କମ୍ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଘନଶ୍ୟାମ ପ୍ରଧାନଙ୍କୁ ମିଳିଥିବା ଟୋକନ(ନଂ-୩୬)ରେ ୬କୁଇଣ୍ଟାଲ ୫୦କିଗ୍ରା, ପ୍ରମୋଦ ଚନ୍ଦ୍ର ଦେବତାଙ୍କୁ ମିଳିଥିବା ଟୋକନ(ନଂ-୨୫୦)ରେ ୨କୁଇଣ୍ଟାଲ, ନିର୍ମଳ ଭୁଏଙ୍କୁ ମିଳିଥିବା ଟୋକନ(ନଂ-୨୫୪)ରେ ୪.୪୨ କୁଇଣ୍ଟାଲ, ସୁରଶେନ ବାରିକଙ୍କୁ ମିଳିଥିବା ଟୋକନ(ନଂ-୩୧୪)ରେ ୭.୮୦ କୁଇଣ୍ଟାଲ, ଈଶ୍ୱର ବରିହାଙ୍କୁ ମିଳିଥିବ ଟୋକନ(ନଂ-୩୦୦)ରେ ୧୧.୯୬ କୁଇଣ୍ଟାଲ ବିକ୍ରିଯୋଗ୍ୟ ଧାନ ରହିଛି। ଉକ୍ତ ଚାଷୀମାନଙ୍କ ମଧ୍ୟରୁ ଘନଶ୍ୟାମ ଓ ପ୍ରମୋଦଙ୍କୁ ମିଳିଥିବା ଟୋକନରେ ବୁଧବାର ଅର୍ଥାତ୍ ୧୯ତାରିଖ ଏବଂ ଅନ୍ୟମାନଙ୍କୁ ୨୦ତାରିଖରୁ ମଣ୍ଡିକୁ ଧାନ ଆଣିବାକୁ ଟୋକନରେ ଉଲ୍ଲେଖ ରହିଛି। ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣରେ ସେଭଳି ତ୍ରୁଟି ଯୋଗୁ ଚାଷୀମାନେ ମଣ୍ଡିକୁ ଧାନ ଆଣିବାରେ ସକ୍ଷମ ହୋଇପାରୁ ନାହାନ୍ତି। ବିଭାଗୀୟ ତ୍ରୁଟି ଯୋଗୁ ଚାଷୀଙ୍କୁ ଧାନବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

କେବଳ ଉପରୋକ୍ତ ଚାଷୀମାନେ ନୁହନ୍ତି, ଅନେକ ଚାଷୀଙ୍କ ଟୋକନରେ ଏଭଳି ତ୍ରୁଟି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ତ୍ରୁଟିକୁ ତୁରନ୍ତ ସୁଧାରିବା ସହିତ ଟୋକନ ଅବଧିକୁ ଏକମାସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଜୟ କିଶାନ ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜୟ କିଶାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆ, ନାରାୟଣ ରଣା, ଗୋବର୍ଦ୍ଧନ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

- ଅନେକ ଟୋକନରେ ରହିଛି ତ୍ରୁଟି
- ଧାନବିକ୍ରିରୁ ଚାଷୀ ବଞ୍ଚିତ ଆଶଙ୍କା
- ସମାଧାନ ନହେଲେ ଆନ୍ଦୋଳନ